


Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR






# ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଦାବି




## ଭାରତ-ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଏକସାଥ୍

ନ୍ୟୁୟର୍କ,୨୬/୯ : ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ଅବସରରେ ଭାରତ-ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ଜାତିସଂଘ ସୁରକ୍ଷା ପରିଷଦରେ ସଂସ୍କାର ଦାବି ଉଠାଇଛନ୍ତି । ୩ଦେଶର ବିଦେଶ ମନ୍ତ୍ରୀ ଏକାଠି ହୋଇ ଶକ୍ତି ଓ ଖାଦ୍ୟ ସୁରକ୍ଷା ଉପରେ ସଂଘର୍ଷର ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ଏଥିସହ ଜାମ୍ମୁ-କାଶ୍ମୀରର ପହଲଗାମରେ ଘଟିଥିବା ଆତଙ୍କ ଆକ୍ରମଣର ତୀବ୍ର ନିନ୍ଦା କରିଛନ୍ତି । ଭାରତ, ବ୍ରାଜିଲ ଓ ଦକ୍ଷିଣ ଆଫ୍ରିକା ମିଳିତ ଭାବେ ଆଇବିଏସ୍ଏ ସମ୍ବାଦ ମଞ୍ଚସ ଗଠନ କରିଛନ୍ତି। କାର୍ଯ୍ୟକ୍ରମରେ ଭାରତର ବିଦେଶ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର, ବ୍ରାଜିଲର ବିଦେଶ ମନ୍ତ୍ରୀ ମୌରୋ ଭିଏରା ଏବଂ ଦକ୍ଷିଣ ଆଫ୍ରିକାର ବିଦେଶ ମନ୍ତ୍ରୀ ରୋନାଲ୍ଡ ଲମୋଲା ସାମିଲ ହୋଇଥିଲେ । ତିନି ଦେଶ ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି ଯେ ଜାତିସଂଘ ସୁରକ୍ଷା ପରିଷଦକୁ ଅଧିକ ଲୋକତାନ୍ତ୍ରିକ ଓ ପ୍ରତିନିଧିତ୍ୱ ସମ୍ପନ୍ନ କରିବାକୁ ହେଲେ ଏଥିରେ ସଂସ୍କାର ଆବଶ୍ୟକ । ବର୍ତ୍ତମାନ ସମୟରେ ଏହା ଅପରିହାର୍ଯ୍ୟ ହୋଇପଡିଛି । ବୈଶ୍ୱିକ ଆର୍ଥିକ ବ୍ୟବସ୍ଥାରେ ବିକାଶଶୀଳ ଓ ଆଧୁନିକ ଅର୍ଥବ୍ୟବସ୍ଥାର ଅଧିକ ପ୍ରଭାବୀ ଭାଗିଦାର ହେବା ଆବଶ୍ୟକ । ସେମାନେ ବିଶ୍ୱରେ ଚାଲିଥିବା ସଂଘର୍ଷ ଯୋଗୁ ଗ୍ଲୋବାଲ ସାଉଥ୍ ଉପରେ ପଡୁଥିବା ପ୍ରଭାବକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି । ବିଶେଷକରି ଶକ୍ତି ସଙ୍କଟ, ଖାଦ୍ୟ ଅସୁରକ୍ଷା, ଦରଦାମ ବୃଦ୍ଧି ଓ ସରକାରୀ ବଜେଟ ଉପରେ ପଡୁଥିବା ଚାପ ସମ୍ପର୍କରେ ସେମାନେ ଉଲ୍ଲେଖ କରିଛନ୍ତି । ଜୟଶଙ୍କର କହିଛନ୍ତି ଯେ ଜାତିସଂଘ ସୁରକ୍ଷ ପରିଷଦରେ ସଂସ୍କାର ନ ହେବା ଯୋଗୁ ଆନ୍ତର୍ଜାତିକ ସମୁଦାୟ ମଧ୍ୟରେ ହତାଶା ଭାବେ ବଢ଼ିଛି । ସଂସ୍କାରକୁ ବିରୋଧ କରୁଥିବା ଦେଶମାନଙ୍କର ବାସ୍ତବରେ ଏଥିରେ କୌଣସି ନେଣଦେଣ ନାହିଁ । ଜାତିସଂଘ ସାଧାରଣ ପରିଷଦ ଅଧିବେଶନ ହେବା ବେଳକୁ ସବୁ ବୈଶ୍ୱିକ ନେତା ଏକାଠି ହୋଇଥାନ୍ତି । ସେହି ସମୟରେ ଜାତିସଂଘରେ ସଂସ୍କାର ଦାବି ଉଠିଥାଏ । ମାତ୍ର ପରବର୍ତ୍ତୀ ସମୟରେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥାଏ । ସମୟ ଠାରୁ ବହୁ ପଛରେ ରହିଛି ଜାତିସଂଘ । ତେଣୁ ବର୍ତ୍ତମାନ ସମୟକୁ ଦୃଷ୍ଟିରେ ରଖି ଏଥିରେ ସଂସ୍କାରର ଦାବି ଉଠୁଛି । ଯେଉଁ ରାଷ୍ଟ୍ରମାନଙ୍କର ଜାତିସଂଘ ପ୍ରତି ସମ୍ମାନ ରହିଛି ଓ ଜାତିସଂଘକୁ ମାନନ୍ତି ସେମାନେ ସଂସ୍କାର ଦାବି କରୁଛନ୍ତି । କିନ୍ତୁ ଯେଉଁମାନେ ସଂସ୍କାରକୁ ବିରୋଧ କରୁଛନ୍ତି ବାସ୍ତବରେ ସେମାନଙ୍କର ଜାତିସଂଘ ପ୍ରତି କୌଣସି ସମ୍ମାନ ନାହିଁ ।

## ଆଜି ଖୋଲା ରହିବ ବ୍ୟାଙ୍କ

ଭୁବନେଶ୍ୱର,୨୬/୯(ନି/ପ୍ର): କାଲି (ରବିବାର) ଖୋଲା ରହିବ ବ୍ୟାଙ୍କ।ଏନେଇ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାଙ୍କ ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଛି। ୨୭ ତାରିଖ ରବିବାର ବ୍ୟାଙ୍କଗୁଡ଼ିକ ଖୋଲା ରହିବ। ୨୮ ତାରିଖରୁ ଆରମ୍ଭ ହେବାକୁ ଥିବା ୩ ଦିନିଆ ବ୍ୟାଙ୍କ ଧର୍ମଘଟ ପରିପ୍ରେକ୍ଷୀରେ ଗ୍ରାହକମାନଙ୍କ ସୁବିଧା ଓ ବ୍ୟାଙ୍କିଂ ସେବା ସ୍ୱାଭାବିକ ରଖିବା ଉଦ୍ଦେଶ୍ୟରେ ରବିବାର ବ୍ୟାଙ୍କ ଖୋଲା ରଖିବାକୁ ନିଷ୍ପତ୍ତି ହୋଇଛି ।ସୂଚନାନୁସାରେ, ବ୍ୟାଙ୍କ କର୍ମଚାରୀଙ୍କ ପକ୍ଷରୁ ସପ୍ତାହକୁ ଦୁଇ ଦିନ ଛୁଟି ଦାବି କରାଯାଇଛି। ଏହି ଦାବିକୁ ନେଇ ୨୮ ତାରିଖରୁ ତିନି ଦିନିଆ ଧର୍ମଘଟ ପାଇଁ ଡାକରା ଦିଆଯାଇଛି। ଧର୍ମଘଟ ଯୋଗୁଁ ସାଧାରଣ ବ୍ୟାଙ୍କିଂ କାରବାର ପ୍ରଭାବିତ ହେବାର ଆଶଙ୍କା ରହିଛି ।ଏହାକୁ ଦୃଷ୍ଟିରେ ରଖି ୨୭ ତାରିଖ ରବିବାର ଦିନ ବ୍ୟାଙ୍କ ଖୋଲା ରଖି ଗ୍ରାହକଙ୍କ ଆବଶ୍ୟକୀୟ କାରବାର ସମ୍ପନ୍ନ କରିବାର ସୁଯୋଗ ଦିଆଯିବ। ଧର୍ମଘଟ ପୂର୍ବରୁ ଗ୍ରାହକମାନେ ଆବଶ୍ୟକ ବ୍ୟାଙ୍କିଂ କାର୍ଯ୍ୟ ସାରିନେବାକୁ କୁହାଯାଇଛି।


**ଆବଶ୍ୟକ**

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ:
ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ହାତୀ ଆକ୍ରମଣରେ ଜଣେ ମୃତ

ଭବାନୀପାଟଣା/ବିଶ୍ୱନାଥପୁର,୨୬/୯(ନି/ପ୍ର):କଳାହାଣ୍ଡି ଦକ୍ଷିଣ ବନଖଣ୍ଡ ଅଧୀନ ବିଶ୍ୱନାଥପୁର ରେଞ୍ଜରେ ହାତୀ ଆକ୍ରମଣରେ ଆଜି ସକାଳେ ଜଣେ ଆଦିବାସୀଙ୍କ ମୃତ୍ୟୁ ଘଟିଛି। ମୃତକ ବେନଗାଁ ପଚାଂୟତ ବେଡିଆପଡ଼ା ଗାଁର ଡ୍ରିମ୍ବା ମାଝୀ (୪୮) ବୋଲି ଜଣାପଡିଛି ।ସୂଚନା ଅନୁସାରେ,ଆଜି ସକାଳ ପ୍ରାୟ ୭.୩୦ ମିନିଟରେ ଡ୍ରିମ୍ବା ଗାଁ ନିକଟସ୍ଥ ତାଙ୍କ କପା ବିଲ୍ କୁ ଯାଇଥିଲେ। ସେଠାରେ ଜଙ୍ଗଲରୁ ଆସିଥିବା ଏକ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ହାତୀଟି ପ୍ରାୟ ୩୦୦ ମିଟର ଯାଏଁ ତାଙ୍କୁ ଗୋଡ଼ାଇବା ପରେ ଶୁଣ୍ଢରେ ଉଠାଇ କଚାଡ଼ି ଦେଇଥିବା ଘଟଣାସ୍ଥଳର ଦୃଶ୍ୟରୁ ଅନୁମାନ କରାଯାଉଛି । ସୂଚନାପାଇ ବନ କର୍ମଚାରୀ ମାନେ ଆସି ଅନୁଧ୍ୟାନ କରିଥିଲେ । ତେବେ ବିଳମ୍ବରେ ବନ କର୍ମଚାରୀ ଆସିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା ।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତି : ଶ୍ରୀଜୀଉଙ୍କର ହେବ ନୂଆ ସୁନାବେଶ ସେଟ୍

ପୁରୀ,୨୬/୯(ନି/ପ୍ର): ଶେଷ ହୋଇଛି ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ । ବୈଠକରେ ଶ୍ରୀମନ୍ଦିରର ବିଭିନ୍ନ ନୀତି ନିର୍ଦ୍ଧାରଣ ସହ ଏକାଧିକ ପ୍ରସ୍ତାବ ଉପରେ ଆଲୋଚନା ଓ ନିଷ୍ପତ୍ତି ହୋଇଛି। ମହାପ୍ରଭୁଙ୍କ ପାଇଁ ନୂଆ ସୁନାବେଶ ସେଟ୍ ନିର୍ମାଣ, ଶ୍ରୀଗୁଣ୍ଡିଚା ମନ୍ଦିରକୁ ଭକ୍ତଙ୍କ ପାଇଁ ଖୋଲିବା, ଦିବ୍ୟାଙ୍ଗ ଓ ପୁରୀବାସୀଙ୍କ ଦର୍ଶନ ବ୍ୟବସ୍ଥା ସହ ସେବାୟତ କଲ୍ୟାଣ ଓ ଆଦର୍ଶ ଗୁରୁକୁଳ ନେଇ ମଧ୍ୟ ଆଲୋଚନା ହୋଇଛି । ବୈଠକରେ ମହାପ୍ରଭୁଙ୍କ ପାଇଁ ଆଉ ଏକ ସୁନାବେଶ ଅଳଙ୍କାର ସେଟ୍ ନିର୍ମାଣକୁ ଅନୁମୋଦନ ମିଳିଛି। ଶ୍ରୀମନ୍ଦିର ପ୍ରଶାସନ ନିଜସ୍ୱ ଅର୍ଥରେ ଏହି ଅଳଙ୍କାର ପ୍ରସ୍ତୁତ କରିବ । ତେବେ ଇଚ୍ଛୁକ ଭକ୍ତ ଓ ଶ୍ରଦ୍ଧାଳୁ ସ୍ୱଇଚ୍ଛାରେ ଏଥିପାଇଁ ଦାନ ଦେଇପାରିବେ । ପ୍ରସ୍ତୁତ ହେବାକୁ ଥିବା ନୂଆ ଅଳଙ୍କାର ରତ୍ନଭଣ୍ଡାରର ବାହାର ଭଣ୍ଡାରରେ ସୁରକ୍ଷିତ ଭାବେ ରଖାଯିବ। ରତ୍ନଭଣ୍ଡାର ଗଣତି ସମୟରେ କରାଯାଇଥିବା ଭିଡିଓ, ଫଟୋ ଓ ଡିଜିଟାଲ ଡକ୍ୟୁମେଣ୍ଟେସନକୁ ଆଧାର କରି ନୂଆ ଅଳଙ୍କାରର ଆକୃତି ଓ ନିର୍ମାଣ କରାଯିବ। ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ଖୁବଶୀଘ୍ର ଶ୍ରୀମନ୍ଦିରର ଉତର ଦ୍ୱାର ଦେଇ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରାଯିବ ।

# ରୁଷ ଉପରେ ବଡ଼ ଧରଣର ପାଲଟା ଆକ୍ରମଣ କଲା ୟୁକ୍ରେନ :



## ତୈଳ ବିଶୋଧନାଗାରକୁ ଟାର୍ଗେଟ

ମସ୍କୋ,୨୬/୯ :ୟୁକ୍ରେନ ଏବଂ ରୁଷ ଯୁଦ୍ଧ ମଧ୍ୟରେ ଉଭୟ ପକ୍ଷରୁ ଡ୍ରୋନ୍ ଆକ୍ରମଣ ତୀବ୍ର ହୋଇଛି । ୟୁକ୍ରେନର ଦୂରଗାମୀ ଡ୍ରୋନ୍‌ଗୁଡ଼ିକ ରୁଷର କ୍ରାସ୍ନୋଡାର କ୍ରାଇ ଅଂଚଳରେ ଥିବା ଇଲସ୍କି ତୈଳ ବିଶୋଧନାଗାରକୁ ଟାର୍ଗେଟ କରିଛନ୍ତି । ଏହି ଆକ୍ରମଣ ପୁଣି ଥରେ ରୁଷର ତୈଳ ଏବଂ ଶକ୍ତି ଭିତିଭୂମିର ସୁରକ୍ଷାକୁ ନେଇ ଚିନ୍ତା ସୃଷ୍ଟି କରିଛି । ବିଶୋଧନାଗାରର କ୍ଷୟକ୍ଷତିର ବିବରଣୀ ପ୍ରକାଶ କରାଯାଇ ନାହିଁ । ଶୁକ୍ରବାର ଦିନ ରୁଷ ମଧ୍ୟ ୟୁକ୍ରେନର ରାଜଧାନୀ କିଭ୍‌ରେ ଏକ ଡ୍ରୋନ୍ ଆକ୍ରମଣ କରିଥିଲା । ୟୁକ୍ରେନୀୟ ଅଧିକାରୀଙ୍କ ଅନୁଯାୟୀ, ଏହି ଆକ୍ରମଣ ଆମେରିକୀୟ ଫାଷ୍ଟ-ଫୁଡ୍ ଚେନ୍ ମ୍ୟାକଡୋନାଲ୍ଡସ୍‌ର ଏକ ଲଜିଷ୍ଟିକ୍ ପାର୍ଟନର ଦ୍ୱାରା ବ୍ୟବହୃତ ଏକ ଗୋଦାମକୁ ଟାର୍ଗେଟ କରିଥିଲା । ଅଧିକାରୀମାନେ କହିଛନ୍ତି ଯେ, ଏହି ଆକ୍ରମଣରେ ୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୨୭ ଜଣ ଆହତ ହୋଇଛନ୍ତି । ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ରୁଷ ଆକ୍ରମଣ ବିଷୟରେ କହିଛନ୍ତି ଯେ ଗୋଦାମକୁ ଟାର୍ଗେଟ କରିବା ୟୁକ୍ରେନୀୟ ନାଗରିକ ଭିତିଭୂମି ଏବଂ ବ୍ୟବସାୟକୁ ଟାର୍ଗେଟ କରିବା ପାଇଁ ରୁଷ ଏହି ଆକ୍ରମଣ କରିଥିଲା । ରୁଷ ଆକ୍ରମଣକୁ ବିସ୍ତାର କରି ୟୁକ୍ରେନୀୟ ଡାଟା ସେଂଟର ଏବଂ ଡିଜିଟାଲ୍ ଭିତିଭୂମିକୁ ଟାର୍ଗେଟ କରିବା ଆରମ୍ଭ କରିଛି । ୟୁକ୍ରେନ ଦୀର୍ଘ ସମୟ ଧରି ରୁଷିଆ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣର ସମ୍ମୁଖୀନ ହୋଇଆସୁଛି । ଡାଟା ସେଂଟରଗୁଡ଼ିକୁ ଟାର୍ଗେଟ କରିବା ୟୁକ୍ରେନର ଡିଜିଟାଲ୍ ସେବା ଏବଂ ଅନଲାଇନ୍ ଭିତିଭୂମିର ସୁରକ୍ଷା ବିଷୟରେ ନୂତନ ଚିନ୍ତା ସୃଷ୍ଟି କରିଛି । ଏହାର ଜବାବରେ ରୁଷ ଭିତରେ ତୈଳ ଏବଂ ଶକ୍ତି ପ୍ରତିଷ୍ଠାନଗୁଡ଼ିକୁ ୟୁକ୍ରେନ ଟାର୍ଗେଟ କରିଥିବା କହିଛି ।

## 'ଟ୍ରମ୍ପ ପ୍ରଣାଳୀ' : ଅସ୍ତ୍ରବିରତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବା ପରେ ହର୍ମୁଜର ମାନଚିତ୍ର ସେୟାର କଲେ ଟ୍ରମ୍ପ

ୱାସିଂଟନ,୨୬/୯ : ଗତ ପାଚଂ ମାସ ଧରି ଚାଲିଥିବା ଆମେରିକା ଏବଂ ଇରାନ ମଧ୍ୟରେ ସଂଘର୍ଷ ଦିନକୁ ଦିନ ଅଧିକ ବିପଜ୍ଜନକ ହେବାରେ ଲାଗିଛି। ଏହାର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱର ସବୁଠାରୁ ସମ୍ବେଦନଶୀଳ ସମୁଦ୍ର ପଥ ମଧ୍ୟରୁ ଗୋଟିଏ ହର୍ମୁଜ୍ ପ୍ରଣାଳୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିୟନ୍ତ୍ରଣ ହାସଲ କରିବାକୁ ଚାହୁଁଛନ୍ତି । ଏହି ସମୟରେ, ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରି ଟ୍ରମ୍ପ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଏକ ମାନଚିତ୍ର ସେୟାର କରିଛନ୍ତି, ଯେଉଁଥିରେ ହର୍ମୁଜ୍ ପ୍ରଣାଳୀର ନାମ ପରିବର୍ତନ କରି ଟ୍ରମ୍ପ ପ୍ରଣାଳୀ ରଖାଯାଇଛି । ଏହି ପୋଷ୍ଟ ଏପରି ଏକ ସମୟରେ ଆସିଛି ଯେତେବେଳେ ଟ୍ରମ୍ପ ସାତ ଦିନ ମଧ୍ୟରେ ଏହି ରାସ୍ତା ଖୋଲିବା ପାଇଁ ଇରାନର ପ୍ରସ୍ତାବକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରିଛନ୍ତି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ପୂର୍ବରୁ କହିଥିଲେ, ଯଦି ଆମେରିକା କିଛି ସର୍ତରେ ରାଜି ହୁଏ, ତେବେ ସାତ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀରେ ସ୍ୱାଭାବିକ ଜାହାଜ ଚଳାଚଳ ଆରମ୍ଭ ହୋଇପାରିବ । ଏନେଇ ଇରାନ ଚାରୋଟି ସର୍ତ ରଖିଥିଲା । ସର୍ତ ମଧ୍ୟରେ ଇରାନ ବନ୍ଦରଗୁଡ଼ିକ ଉପରେ ଆମେରିକା ନୌସେନାର ଅବରୋଧକୁ ପ୍ରତ୍ୟାହାର କରାଯିବା ଉଚିତ୍ । ଇରାନ ତେଲ ବିକ୍ରୟ ଉପରେ କଟକଣା ହଟାଇବା । ଲେବାନନ୍ ସମେତ ଅନ୍ୟାନ୍ୟ ସ୍ଥାନରେ ଅସ୍ତ୍ରବିରତି ଲାଗୁ କରାଯିବା ଉଚିତ୍ । ଇରାନ ମନ୍ତ୍ରୀ କହିଥିଲେ ଆମେରିକା ଏହି ସର୍ତଗୁଡ଼ିକରେ ରାଜି ହେବା ମାତ୍ରେ ସାତ ଦିନର କାଉଂଟଡାଉନ୍ ଆରମ୍ଭ ହେବ ଏବଂ ରାସ୍ତା ଖୋଲିଯିବ । ତେବେ ଟ୍ରମ୍ପ ଇରାନର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ ।




## ଗଣେଶ ମଣ୍ଡପରେ ବିଦ୍ୟୁତ୍ ଆଘାତରେ ୪ ଜଣଙ୍କର ମୃତ୍ୟୁ, ୩ ଆହତ



ଭୋପାଳ,୨୬/୯ : ମଧ୍ୟପ୍ରଦେଶର ମଣ୍ଡଲା ଜିଲ୍ଲା ନୈନପୁର ଥାନା ଅଂଚଳର ହୀରାପୁର ଗାଁରେ ବିଦ୍ୟୁତ୍ ଆଘାତରେ ଚାରି ଜଣଙ୍କର ମୃତ୍ୟୁ ଘଟିଛି । ଦୁର୍ଘଟଣାରେ ତିନି ଜଣ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ମଣ୍ଡଲା ଜିଲ୍ଲା ହସ୍ପିଟାଲକୁ ରେଫର କରାଯାଇଛି । ଶୁକ୍ରବାର ଗଣେଶ ମୂର୍ତି ବିସର୍ଜନ ପରେ ସଦସ୍ୟମାନେ ଫେରି ପାଣ୍ଡାଲର ପୂଜା ପେଣ୍ଡାଲରେ ଶୋଇପଡ଼ିଥିଲେ । ବିଦ୍ୟୁତ୍ ଆଘାତ ଯୋଗୁଁ ଚାରି ଜଣଙ୍କର ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଶନିବାର ଭୋର୍ ପ୍ରାୟ ସାଢ଼େ ୫ଟା ସମୟରେ ଘଟିଥିବା ଜଣାପଡ଼ିଛି । ମୃତକଙ୍କ ନାମ ବୀରେନ୍ଦ୍ର ଭଙ୍ଗର (୫୫),କୃଷ୍ଣ କୁମାର ଭମ୍ରେ(୧୯),ରବି (୨୪)ଏବଂ ଜୈନ ଭମ୍ରେ (୩୯) ବୋଲି ଜଣାପଡିଛି । ନୈନପୁର ପୁଲିସ ଷ୍ଟେସନ୍ ଇନଚାର୍ଜ ମାନସାରାମ ୱାଗେନ୍ ଘଟଣାର ବ୍ୟାଖ୍ୟା କରି କହିଛନ୍ତି, ସଦସ୍ୟମାନେ ଗଣେଶ ମଣ୍ଡପରେ ଶୋଇଥିଲେ । ସର୍ଟ ସର୍କିଟ୍ ଯୋଗୁଁ ଆମ୍ପ୍ଲିଫାୟରର ସଂଯୋଗ ତାର ଛିଡ଼ି ସେମାନଙ୍କ ଉପରେ ପଡ଼ିଥିଲା । ଲଗାତାର ବର୍ଷା ଯୋଗୁ ମାଟି ଓଦା ଥିବାରୁ ବିଦ୍ୟୁତ୍ କରେଂଟ ସହଜରେ ସଂଚରଣ ହୋଇଥିଲା ବୋଲି ପ୍ରଶସନ କହିଛି ।







କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122


# ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ




## ପୁରୀ, ଗଞ୍ଜାମ ଓ ଯାଜପୁରର ଚମକପ୍ରଦ ପ୍ରଦର୍ଶନ

କେନ୍ଦୁଝର,୨୬/୯(ନି/ପ୍ର): କେନ୍ଦୁଝର ଡି.ଡି. ସ୍ପୋର୍ଟସ୍ ଗ୍ରାଉଣ୍ଡରେ ଚାଲିଥିବା ତିନିଦିନିଆ ରାଜ୍ୟସ୍ତରୀୟ ତାଇକୋଣ୍ଡୋ ପ୍ରତିଯୋଗିତା ୨୦୨୬-୨୭ର ଉଦ୍‌ଯାପନ ହୋଇଯାଇଛି। ଓଡ଼ିଶାର ୩୦ଟି ଜିଲ୍ଲାରୁ ପ୍ରାୟ ୪୦୦ ଜଣ ଖେଳାଳି ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ମହୋତ୍ସବରେ ଅଂଶଗ୍ରହଣ କରି ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ପ୍ରତିଭାବାନ ତାଇକୋଣ୍ଡୋ ଖେଳାଳିମାନେ ବିଭିନ୍ନ ବର୍ଗରେ ରୋମାଂଚକର ପ୍ରଦର୍ଶନ କରିଥିଲେ। ପ୍ରତିଯୋଗିତାକୁ ନେଇ ଖେଳାଳି, ପ୍ରଶିକ୍ଷକ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଉଦ୍ଦୀପନା ଦେଖାଦେଇଥିଲା। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି କେନ୍ଦୁଝରଗଡ ପୌରପାଳିକାର ଅଧକ୍ଷା ନିକୁ ସାହୁ ଯୋଗ ଦେଇ ସମସ୍ତ ଖେଳାଳି ମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିପାରିବେ ବୋଲି କହିଥିଲେ। ମୁଖ୍ୟବକ୍ତା ସହକାରୀ ନିର୍ଦ୍ଦେଶକ ଓଡିଶା ଜ୍ୟୋତି ପ୍ରସାଦ ପରିଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରୁଦ୍ର ନାରାୟଣ ସାମଲ,ସତ୍ୟନାରାୟଣ ମହାନ୍ତ, ସଦର ବିଇଓ ଓମକାର ଅନ୍ୱେଷ, ଅତିରିକ୍ତ ବିଇଓ କପିଳ ଚନ୍ଦ୍ର ଦାସ,ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମ କୃଷ୍ଣ ବେହେରା,ପାଟଣା ବିଇ ଓ ପୁର୍ଣ ଚନ୍ଦ୍ର ଆମନ୍ତ, ପ୍ରଧାନ ଶିକ୍ଷକ ପଳାସପାଙ୍ଗା କୃଷ ଚନ୍ଦ୍ର ମହାନ୍ତ, ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ବେଳା ରାଉତ, ଜିଲ୍ଲା ଯୁଗ୍ମ ସମ୍ପାଦକ ରେଡକ୍ରସ ଏ ଆର ଖାନ , ଓସ୍କକ୍ଷ ସଭାପତି ମନ୍ମଥ ମହାନ୍ତ ଯୋଗ ଦେଇଥିଲେ ,ପ୍ରତିଯୋଗିତାରେ ଅଣ୍ଡର-୧୪ ବାଳକ ବର୍ଗରେ ପୁରୀ, ଅଣ୍ଡର-୧୪ ବାଳିକା ବର୍ଗରେ ଗଞ୍ଜାମ, ଏବଂ ଅଣ୍ଡର-୧୭ ବାଳକ ଓ ବାଳିକା ବର୍ଗରେ ଯାଜପୁର ଚମ୍ପିୟନ୍ ହୋଇଛନ୍ତି। ବିଭିନ୍ନ ବର୍ଗରେ ସଫଳତା ହାସଲ କରିଥିବା କୃତୀ ଖେଳାଳିମାନଙ୍କୁ ଉଦ୍‌ଯାପନୀ ଅବସରରେ ମେଡାଲ୍ ଓ ସାର୍ଟିଫିକେଟ୍ ପ୍ରଦାନ କରି ସମ୍ମାନିତ କରାଯାଇଥିଲା।ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ତାଇକୋଣ୍ଡୋ କ୍ରୀଡ଼ାରେ ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ନିଜର ଦକ୍ଷତା ପ୍ରଦର୍ଶନ ସହ ଆଗାମୀ ଦିନରେ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ନୂଆ ଅନୁଭୂତି ଓ ପ୍ରେରଣା ଯୋଗାଇଛି,ଶାରୀରିକ ଶିକ୍ଷା ଶିକ୍ଷକ ପ୍ରଦୀପ ବାରିକ, କ୍ଷୀରୋଦ ବେହେରା, ଜଗବନ୍ଧୁ. ମହାନ୍ତ, ପ୍ରଶାନ୍ତ ପରିଡା, ସମରଜିତ ସିଂହ, ବିଷ୍ଣୁ ପ୍ରିୟା ଓଝା ସହଯୋଗ କରିଥିଲେ ।

# ଦୋକାନ ଭିତରକୁ ମାଡ଼ିଗଲା ମାଲବୋଝେଇ ଟ୍ରଲର

ଖୋର୍ଦ୍ଧା,୨୬/୯(ନି/ପ୍ର): ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଗୁରୁବାର ଘଟିଛି ଅଘଟଣ। ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ଦୋକାନ ଭିତରକୁ ମାଡ଼ିଯାଇଛି ମାଲବୋଝେଇ ଟ୍ରଲର। ଦୁର୍ଘଟଣାରେ ତିନୋଟି ଦୋକାନ ସମେତ ଅନେକ ବାଇକ ଓ ସ୍କୁଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ଘଟଣା ପରେ ରାସ୍ତାରେ ଗାଡ଼ି ଚଳାଚଳ ବ୍ୟାହତ ହୋଇଛି।ସୂଚନାଯୋଗ୍ୟ, ଖୋର୍ଦ୍ଧା ପାର୍ଶ୍ୱରୁ ନୟାଗଡ଼ ଆଡେ ଯାଉଥିବା ଏକ ମାଲବୋଝେଇ ଟ୍ରଲର ଖୋର୍ଦ୍ଧା ମେଡିକାଲ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ଏକ କାରକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଟ୍ରଲରଟି ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପାର୍ଶ୍ୱରେ ଥିବା ତିନୋଟି ଦୋକାନ ଭିତରକୁ ପଶିଯାଇଥିଲା। ଦୋକାନ ସମ୍ମୁଖରେ ଥିବା ବାଇକ ଓ ସ୍କୁଟିଗୁଡ଼ିକୁ ଟ୍ରଲରଟି ଚାପି ଦେଇଥିବା ଜଣାପଡ଼ିଛି।ଘଟଣା ପରେ ପୋଲିସ ଓ ଦମକଳ ବାହିନୀ ପହଂଚି ଉଦ୍ଧାର କାର୍ଯ୍ୟ ସହ ଟ୍ରାଫିକ ନିୟନ୍ତ୍ରଣ କରିଛନ୍ତି। ପୋଲିସ ଟ୍ରଲରଟିକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି। ଦୁର୍ଘଟଣାରେ କେହି ମୃତାହତ ହୋଇନଥିବା ଜଣାପଡିଛି।



ଘଟଗାଁ ଜୀବିକା ମିଶନ ଶକ୍ତି ବିଭାଗ ପକ୍ଷରୁ ଏକ ପ୍ରତିନିଧି ଦଳ ପଶ୍ଚିମବଙ୍ଗ ଗସ୍ତ କରିଛନ୍ତି

# ସେବା ମନୋଭାବ ସହ ସୃଜନଶୀଳତାର ପ୍ରକାଶ
# ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ଅନୁଷ୍ଠିତ



କେନ୍ଦୁଝର,୨୬/୯(ନି/ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା ମନୋଭାବ, ସାମାଜିକ ଦାୟିତ୍ୱବୋଧ, ସୃଜନଶୀଳତା ଓ ନିଜସ୍ୱ ଚିନ୍ତନଶକ୍ତିର ବିକାଶ ଉଦ୍ଦେଶ୍ୟରେ ସମଗ୍ର ଶିକ୍ଷା, କେନ୍ଦୁଝର ପକ୍ଷରୁ ଜିଲ୍ଲାସ୍ତରୀୟ 'ସେବା ସଂକଳ୍ପ ଅଭିଯାନ-୨୦୨୬' ଆଜି କେନ୍ଦୁଝର ସହରସ୍ଥିତ ପିଏମ୍ ଶ୍ରୀ ଡି.ଏନ୍. ହାଇସ୍କୁଲ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୧୩ଟି ବ୍ଲକରୁ ଛାତ୍ରଛାତ୍ରୀମାନେ ଏହି ଜିଲ୍ଲାସ୍ତରୀୟ ଆୟୋଜନରେ ଯୋଗଦେଇଥିଲେ। ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ମାଧ୍ୟମରେ ଛାତ୍ରଛାତ୍ରୀମାନେ ସେବା, ସମାଜ, ପରିବେଶ, ଦାୟିତ୍ୱ ଓ ସଚେତନତା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ନିଜର ଚିନ୍ତାଧାରା ଓ ସୃଜନଶୀଳ ପ୍ରତିଭାର ପରିପ୍ରକାଶ କରିଥିଲେ। ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିଯୋଗୀମାନଙ୍କ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣରେ ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝର ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀମତୀ ନିକୁ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ପ୍ରତିନିଧି ଶ୍ରୀ ଅନୁବ୍ରତ ବେହେରା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସେବା ଓ ସାମାଜିକ ଦାୟିତ୍ୱର ମହତ୍ତ୍ୱ ସମ୍ପର୍କରେ ପ୍ରେରଣା ଦେଇଥିଲେ। ଦିନବ୍ୟାପୀ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ନିଜ ନିଜ ଅଭିଜ୍ଞତା, କଳ୍ପନା ଓ ଚିନ୍ତାଧାରାକୁ ଆଧାର କରି ଛାତ୍ରଛାତ୍ରୀମାନେ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପ୍ରାୟ ୨୦୦ ଜଣ ଅଂଶଗ୍ରହଣକାରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନୁଷ୍ଠାନର ସମାପନୀ ତଥା ପୁରସ୍କାର ବିତରଣ ସମାରୋହରେ ମାନ୍ୟବର ସାଂସଦ ଶ୍ରୀ ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ପ୍ରତିଭା ଓ ଉତ୍ସାହର ପ୍ରଶଂସା କରିବା ସହ ଶିକ୍ଷା ସହିତ ସେବା, ଶୃଙ୍ଖଳା, ସାମାଜିକ ସଚେତନତା ଓ ଦାୟିତ୍ୱବୋଧକୁ ଜୀବନର ଅଂଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ବାରିହା, ଏଡିଇଓ ଶ୍ରୀ ସତ୍ୟନାରାୟଣ ମହାନ୍ତ ଓ ଏଡିଇଓ ଶ୍ରୀ ରୁଦ୍ରନାରାୟଣ ସାମଲଙ୍କ ସମେତ ବିଭିନ୍ନ ଶିକ୍ଷା ଅଧିକାରୀ, ଶିକ୍ଷକ, ଅଭିଭାବକ ଓ ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ। 'ସେବା ସଂକଳ୍ପ'ର ମୂଳ ଭାବନାକୁ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ଅଭିବ୍ୟକ୍ତି ସହ ଯୋଡ଼ିବା ଏହି କାର୍ଯ୍ୟକ୍ରମର ଏକ ପ୍ରମୁଖ ବିଶେଷତ୍ୱ ଥିଲା। ଏପରି ଆୟୋଜନ ମାଧ୍ୟମରେ ଶିଶୁ ଓ କିଶୋରମାନଙ୍କ ମଧ୍ୟରେ 'ମୁଁ ଓ ମୋ ସମାଜ'ର ସମ୍ପର୍କକୁ ଅଧିକ ଦୃଢ଼ କରିବା ସହ ଦାୟିତ୍ୱଶୀଳ ନାଗରିକ ଭାବେ ନିଜକୁ ଗଢ଼ି ତୋଳିବାର ସୁଯୋଗ ସୃଷ୍ଟି ହୋଇଥିଲା। ସମଗ୍ର ଶିକ୍ଷା, କେନ୍ଦୁଝର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପିଏମ୍ ଶ୍ରୀ ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ଓ ବିଦ୍ୟାଳୟର ଶିକ୍ଷକମଣ୍ଡଳୀ ସମନ୍ୱୟ କରିଥିଲେ। ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ, ଶିକ୍ଷକମାନଙ୍କ ସହଯୋଗ ଓ ବିଭିନ୍ନ ବ୍ଲକର ପ୍ରତିନିଧିତ୍ୱ ଯୋଗୁଁ ଜିଲ୍ଲାସ୍ତରୀୟ ସେବା ସଂକଳ୍ପ ଅଭିଯାନ-୨୦୨୬ ଏକ ସଫଳ ଓ ସାର୍ଥକ ଶିକ୍ଷାମୂଳକ ଆୟୋଜନ ଭାବେ ପରିଣତ ହୋଇଥିଲା।

# ବର୍ଷା କାରଣରୁ ହେବାକୁ ଥିବା ଆଂଚଳିକ ସମାବେଶକୁ ସେପଟ୍ଟେମ୍ବର ୨୬ରୁ ୨୭କୁ ଘୁଚାଂଇ ଦିଆଯାଇଛି :ଭକ୍ତ ଦାସ




ଅନୁଗୋଳ,୨୬/୯(ନି/ପ୍ର): ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ସମ୍ବଲପୁରରୁ ଭୁବନେଶ୍ୱର ଫେରିବା ବେଳେ ଅନୁଗୋଳ ଜିଲ୍ଲା କଂଗ୍ରେସ ଭବନଠାରେ ପହଚିଂ ଥିଲେ। ସେଠାରେ ତାଙ୍କୁ ଉତ୍ସୋସୀତ ସମ୍ବର୍ଦ୍ଧନା ଦିଆଯିବା ସହ ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ସେପଟ୍ଟେମ୍ବର ୨୬ ତାରିଖ ଦିନ ହେବାକୁ ଥିବା ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ପ୍ରତିବାଦରେ ଆଂଚଳିକ ସମାବେଶକୁ ବର୍ଷା ଯୋଗୁଁ ରବିବାର ସେପଟ୍ଟେମ୍ବର ୨୭ତାରିଖିକୁ ଏକ ଦିନ ପାଇଁ ଘୁଚାଂଇ ଦିଆଯାଇଛି ବୋଲି ଘୋଷଣା କରିଥିଲେ। ଏମଏମଡିଆର ସଂଶୋଧନ ଅଧିନିୟମ ୨୦୨୬ ଓଡ଼ିଶାର ଖଣି ଓ ଖଣିଜ ପଦାର୍ଥରୁ ଆମ ରାଜ୍ୟର ସମସ୍ତ ଅଧିକାରକୁ ଛଡ଼ାଇନେଇ ଆମକୁ ଦୁର୍ବଳ କରି ରଖି ଦେବାକୁ ଏକ ଯୋଜନା ପ୍ରସ୍ତୁତ କରାଯାଇଛି, ଫଳରେ ଆମ ଓଡ଼ିଶାବାସୀଙ୍କର ସ୍ୱାର୍ଥ ପାଇଁ ଡବଲ ଇଞ୍ଜିନ ସରକାରର କୁମ୍ଭିରକାନ୍ଦଣା ପଦାରେ ପଡିଯାଇଛି। ଓଡ଼ିଶା କେବେ ବି ତାର ହକକୁ ଛାଡିବ ନାହିଁ, ଆବଶ୍ୟକ ହେଲେ ଓଡ଼ିଶା ବନ୍ଦ ଓ ଅର୍ଥନୈତିକ ଅବରୋଧ ଭଳି କଠୋର ପଦକ୍ଷେପ ଗ୍ରହଣ କରିବାକୁ ପ୍ରଦେଶ କଂଗ୍ରେସ ପଛାଇବ ନାହିଁ। ଏ ନେଇ ଆଗାମୀ ସେପଟ୍ଟେମ୍ବର ୨୭ତାରିଖ ଦିନ ଅନୁଗୋଳ ବିଜୁ ମଇଦାନଠାରେ ଅନୁଗୋଳ ସମେତ ଢେଙ୍କାନାଳ, ବଉଦ, ଦେବଗଡ଼ ଜିଲ୍ଲାର ସମସ୍ତ କଂଗ୍ରେସ ପ୍ରେମୀ ଓ ଏମଏମଡିଆର ସଂଶୋଧନ ଅଧିନିୟମ ବିରୁଦ୍ଧରେ ଏକ ବିଶାଳ ଜନସମାଗମ ଆୟୋଜନ କରାଯାଉଛି। ଉକ୍ତ ସମାବେଶକୁ ଓଡ଼ିଶାର ପ୍ରଭାରୀ ଲାଲାଜୀ ଦେଶାଇ, ବହୁକେନ୍ଦ୍ରୀୟ ନେତା, ପ୍ରଦେଶ କଂଗ୍ରେସ ସଭାପତି, ପୂର୍ବତନ ସଭାପତି ତଥା ବହୁ ପ୍ରଦେଶ କଂଗ୍ରେସ ନେତା ଉପସ୍ଥିତ ରହି ଉଦବୋଧନ ଦେବେ ଓ ଏ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ କଂଗ୍ରେସର ସ୍ୱର ସହ ସମସ୍ତ ଇଣ୍ଡିଆ ମେଟଂର ପଦାଧିକାରୀ ମାନେ ଉଦବୋଧନ ଦେବା ସହ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଭୟଙ୍କର ରୂପ ନେବାରେ ସହଯୋଗ କରିବେ। ଓଡ଼ିଶା କେନ୍ଦ୍ର ସରକାର ଏ କଳା ଆଇନକୁ ନ ହଟାଇବା ପର୍ଯ୍ୟନ୍ତ ଏ ଆନ୍ଦୋଳନ ଜାରି ରହିବ ବୋଲି ପ୍ରକାଶ କରିଥିଲେ। ଉକ୍ତ ବୈଠକରେ କୋରାପୁଟ ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ ଯୋଗଦେଇ ଆନ୍ଦୋଳନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଆଗାମୀ ସେପଟ୍ଟେମ୍ବର ୨୭ତାରିଖ ଆଂଚଳିକ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ତାଙ୍କର ପ୍ରସ୍ତୁତି ବୈଠକରେ ଯୋଗ ଦେବା ଠାରୁ ଆଜିର ବୈଠକରେ କର୍ମୀମାନଙ୍କର ଆଗ୍ରହ ଓ କର୍ମତତ୍ପରରୁ ଜାଣି ପାରୁଛନ୍ତି ନିଶ୍ଚିତ ଜନସାଧାରଣଙ୍କ ସମର୍ଥନ ଏମଏମଡିଆର ସଂଶୋଧନ ଅଧିନିୟମ ବିରୁଦ୍ଧରେ ରହିଛି ଓ ପ୍ରାୟ ତିରିଶ ହଜାରରୁ ଉର୍ଦ୍ଧ୍ୱ ଲୋକ ସମାବେଶରେ ଯୋଗ ଦେବେ ବୋଲି ଦୃଢତାର ସହ ପ୍ରକାଶ କରିଥିଲେ। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର କୋଷାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ଦାସ, ପୂର୍ବତନ ମନ୍ତ୍ରୀ ତଥା ସାଂସଦ ନଗେନ୍ଦ୍ର ପ୍ରଧାନ, ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ସାଧାରଣ ସମ୍ପାଦକ ଲଲାଟେନ୍ଦୁ ଦାସ, ଦେବାଶିଷ ମହାପାତ୍ର, ବିଜୟାନନ୍ଦ ଚାଉଳିଆ, ରୂପାଦୀପ୍ତା ମହାପାତ୍ର, ପ୍ରଦେଶ ପଛୁଆ କଂଗ୍ରେସର ଅଧ୍ୟକ୍ଷ ସରୋଜ ପ୍ରଧାନ, ଅଣସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଅଧ୍ୟକ୍ଷା ଏଲ ମାଣିକପ୍ରଭା, ପ୍ରଦେଶ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଅମ୍ବିକା ପ୍ରସାଦ ଭଞ୍ଜ, ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା : ଅନ୍ଧାରରେ ରୋଗୀ ସେବା

ଖଡ଼ିଆଳ,୨୬।୯(ନି.ପ୍ର): ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦ୍ୟୁତ୍ ସେବା ବ୍ୟାହତ ହେବା ପରେ ରୋଗୀ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ଚିକିତ୍ସା କକ୍ଷରେ ଅନ୍ଧାର ଛାଇ ରହିଥିବା ବେଳେ ମୋବାଇଲ ଫୋନ୍ର ଆଲୁଅରେ ରୋଗୀଙ୍କ ନାମ ପଞ୍ଜୀକରଣ କରାଯାଉଥିବା ଦୃଶ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛି। ଗୁରୁବାର ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁଁ ଅଂଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା। ଏହାର ପ୍ରଭାବ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ମଧ୍ୟ ପଡ଼ିଥିଲା। ବିଦ୍ୟୁତ୍ ଚାଲିଯିବା ପରେ ଚିକିତ୍ସା କକ୍ଷ ସମେତ ରୋଗୀ ପଞ୍ଜୀକରଣ ସ୍ଥାନରେ ଅନ୍ଧାର ଛାଇ ଯାଇଥିଲା। ଫଳରେ ଚିକିତ୍ସା ପାଇଁ ଆସିଥିବା ରୋଗୀ ଓ ସେମାନଙ୍କ ସହ ଆସିଥିବା ପରିବାର ସଦସ୍ୟମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଇନଭର୍ଟର ବ୍ୟାଟେରି ଆବଶ୍ୟକ ବ୍ୟାକଅପ୍ ଦେଇପାରୁ ନଥିବା ଅଭିଯୋଗ ହୋଇଛି। ଇନଭର୍ଟର ମାଧ୍ୟମରେ ଆଲୋକ ବ୍ୟବସ୍ଥା କରିବାକୁ ଉଦ୍ୟମ ହୋଇଥିଲେ ମଧ୍ୟ ମାତ୍ର କିଛି ସମୟ ପରେ ପୁଣି ଅନ୍ଧାର ହୋଇଯାଇଥିଲା। ଶେଷରେ ମୋବାଇଲ ଫୋନ୍ର ଆଲୁଅରେ ରୋଗୀଙ୍କ ପଞ୍ଜୀକରଣ କାର୍ଯ୍ୟ କରିବାକୁ ପଡ଼ିଥିଲା। ଏହା କୌଣସି ଦୁର୍ଗମ ଗ୍ରାମାଂଚଳର ସ୍ୱାସ୍ଥ୍ୟ କେନ୍ଦ୍ର ନୁହେଁ, ବରଂ ବିଭିନ୍ନ ବ୍ଲକରୁ ପ୍ରତିଦିନ ରୋଗୀ ଚିକିତ୍ସା ପାଇଁ ନିର୍ଭର କରୁଥିବା ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ବିଦ୍ୟୁତ୍ ବିଭ୍ରାଟ ସମୟରେ ଜରୁରୀ ଚିକିତ୍ସା ସେବା ଯେପରି ବାଧାପ୍ରାପ୍ତ ନହୁଏ, ସେଥିପାଇଁ ସ୍ଥାୟୀ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ରହିବା ଜରୁରୀ ବୋଲି ରୋଗୀ ଓ ସମ୍ପର୍କୀୟମାନେ ମତ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ରରେ ଜେନେରେଟର ବ୍ୟବସ୍ଥାକୁ ସବୁବେଳେ କାର୍ଯ୍ୟକ୍ଷମ ରଖିବା ସହ ଆବଶ୍ୟକ ଇନ୍ଧନ ଉପଲବ୍ଧ କରାଇବା ଏବଂ ଇନଭର୍ଟର ବ୍ୟାଟେରିର ମରାମତି କିମ୍ବା ପରିବର୍ତ୍ତନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ରୋଗୀ ସେବା ବ୍ୟବସ୍ଥାରେ ଆବଶ୍ୟକ ସୁଧାର ଆଣିବାକୁ ସାଧାରଣରେ ଦାବି ହୋଇଛି।

## ସଡକ ଦୁର୍ଘଟଣାରେ ମୋ ବସ ଚାଳକର ମୃତ୍ୟୁ

ଘଟଗାଁ,୨୬/୯(ନି/ପ୍ର): ସଡକ ଦୁର୍ଘଟଣାରେ ମୋ ବସ ଚାଳକର ମୃତ୍ୟୁ ଘଟିଛି। ମୃତଦେହ ଗାଁରେ ପହଁଚିବା ପରେ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଖବର ନେବାରେ ଜଣାଡ଼ିଛି ଘଟଗାଁ ଥାନା ତୋରାଣୀ ପୋଖରୀ ଫଂଚାୟତ ପୋଇପାଣି ଗ୍ରାମର ଶଶି ଭୂଷଣ ମହାନ୍ତ ପୁଅ ଫନିଭୂଷଣ ମହାନ୍ତ (୪୩) କେନ୍ଦୁଝରରେ ମୋ ବସ ଚାଳକ ଭାବେ କାର୍ଯ୍ୟ କରୁଥିଲେ। ପ୍ରତିଦିନ ଭଳି ଆଜି ସକାଳ ସମୟରେ ଘରୁ ସ୍କୁଟି ଯୋଗେ କେନ୍ଦୁଝର ନିଜର କାର୍ଯ୍ୟ ସ୍ଥଳକୁ ଯାଉଥିବା ସମୟରେ ପୁରୁଣା ବଜାର ନିକଟ ରାଜଉଆସ ପାଖରେ ଏକ ଅଜଣା ଗାଡି ଧକ୍କା ଦେବା ଫଳରେ ଘଟଣା ସ୍ଥଳରେ ଫନିଭୂଷଣର ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ଖବର ପାଇ ପୋଇପାଣି ଗାଁରେ ଶୋକର ଛାୟା ଖେଳି ଯାଇଥିଲା।

# ଓଡ଼ିଶା ପାଇଁ ସ୍ଥାୟୀ ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା ପ୍ରସ୍ତୁତି ଉପରେ କର୍ମଶାଳା

ଭୁବନେଶ୍ୱର,୨୬/୯(ନି/ପ୍ର): ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏସିଆନ୍ ଡେଭେଲପମେଂଟ ବ୍ୟାଙ୍କ ସହଯୋଗରେ "ଓଡ଼ିଶା ପାଇଁ ସ୍ଥାୟୀ ସହରୀ ଯାତାୟାତ ପରିବର୍ତ୍ତନ ଯୋଜନା ପ୍ରସ୍ତୁତି" ଶୀର୍ଷକ ଏକ କର୍ମଶାଳା ଗୁରୁବାର ଖାରବେଳ ଭବନଠାରେ ଅନୁଷ୍ଠିତ ହୋଇଛି । ଏହି ପଦକ୍ଷେପର ଉଦ୍ଦେଶ୍ୟ ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଆର୍ଥିକ ଅଂଚଳ ପାଇଁ ଏକ ବ୍ୟାପକ ଓ ସ୍ଥାୟୀ ସହରୀ ଯାତାୟାତ ଢାଂଚା ପ୍ରସ୍ତୁତ କରିବା। ଏଥିରେ ଆଂଚଳିକ ଯାତାୟାତ ଯୋଜନା, ସାର୍ବଜନୀନ ବସ୍ ସେବାର ରୂପାନ୍ତରଣ ଏବଂ ସ୍ଥାୟୀ ସହରୀ ପରିବହନ ପାଇଁ ଅନୁଷ୍ଠାନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯିବ । ଏହି ପଦକ୍ଷେପ ଓଡ଼ିଶା ଭିଜନ୍ ୨୦୩୬ ଏବଂ ଭିଜନ୍ ୨୦୪୭ର ଦୀର୍ଘମିଆଦୀ ଲକ୍ଷ୍ୟ ସହ ସମନ୍ୱିତ। କର୍ମଶାଳାରେ ଏଡିବି ଟିମ୍ ପକ୍ଷରୁ ଇନସେପସନ୍ ରିପୋର୍ଟର ପ୍ରମୁଖ ନିଷ୍କର୍ଷ ଓ ସୁପାରିଶ ଉପସ୍ଥାପନ କରାଯାଇଥିଲା । ବିକେପିପିଇଆର ପାଇଁ ସମନ୍ୱିତ ଆଂଚଳିକ ଯାତାୟାତ ଯୋଜନା, ବସ୍ ସେବା ରୂପାନ୍ତରଣ ରୋଡ୍‌ମ୍ୟାପ୍ ଏବଂ ପ୍ରସ୍ତାବିତ ଓଡ଼ିଶା ଟ୍ରାଞ୍ଜିଟ୍-ଓରିଏଟେଂଡ୍ ଡେଭେଲପମେଂଟ ନୀତି ଉପରେ ଆଲୋଚନା ହୋଇଥିଲା । ବିଭିନ୍ନ ବିଭାଗ ଓ ଅଂଶୀଦାରମାନେ ଏଥିରେ ନିଜ ନିଜ ମତାମତ ରଖିଥିଲେ । ପ୍ରାରମ୍ଭରେ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଉଷା ପାଢ଼ୀ ଆୟୋଜିତ କାର୍ମଶାଳା ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଏହା କେବଳ ଏକ ଦସ୍ତାବିଜ ପ୍ରସ୍ତୁତିରେ ସୀମିତ ନ ରହି ସମସ୍ତ ଅଂଶୀଦାରଙ୍କ ସହଭାଗିତାରେ ଏକ କାର୍ଯ୍ୟକାରୀ ଓ ରୂପାୟଣଯୋଗ୍ୟ ଢାଂଚାରେ ପରିଣତ ହେବା ଆବଶ୍ୟକ । ସେବା ଜୀବନର ପ୍ରାରମ୍ଭିକ ଦିନରେ ଓଡ଼ିଶାର ଏକ ଦୁର୍ଗମ ଅଂଚଳରେ ନିଜର ଅଭିଜ୍ଞତାର ଉଦାହରଣ ଦେଇ ସେ କହିଥିଲେ ଯେ, ଯାତାୟାତ ସୁବିଧାର ଅଭାବ ଲୋକଙ୍କ ମୌଳିକ ସେବା ଓ ଆର୍ଥିକ ସୁଯୋଗ ପାଇବାରେ ପ୍ରଭାବ ପକାଇଥାଏ । ଶ୍ରୀମତୀ ପାଢୀ କହିଥିଲେ ଯେ, ଯାତାୟାତ ବ୍ୟବସ୍ଥା ଲୋକଙ୍କ ପହଂଚ, ଉତ୍ପାଦକତା ଓ ଜୀବନମାନ ସହ ଘନିଷ୍ଠ ଭାବେ ଜଡ଼ିତ । ଓଡ଼ିଶା ଦ୍ରୁତ ସହରୀକରଣର ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟକୁ ପ୍ରବେଶ କରୁଥିବାରୁ ଦୂରଦୃଷ୍ଟିସମ୍ପନ୍ନ ଓ ସମନ୍ୱିତ ଯୋଜନାର ଆବଶ୍ୟକତା ରହିଛି । ଶ୍ରୀମତୀ ପାଢ଼ୀ କହିଥିଲେ, "ଆଗାମୀ ସହରୀକରଣର ପରବର୍ତ୍ତୀ ସ୍ତରକୁ ଆଗେଇ ଯାଉଥିବା ବେଳେ ଓଡ଼ିଶା ପାଖରେ ସଠିକ୍ ବ୍ୟବସ୍ଥାଗୁଡ଼ିକୁ ଏବେଠାରୁ ସ୍ଥାପନ କରିବାର ସୁଯୋଗ ରହିଛି।" ସ୍ଥାୟୀ ଯାତାୟାତ ନୀତିକୁ ପ୍ରାରମ୍ଭରୁ ଆପଣାଇ ଭବିଷ୍ୟତର ସମସ୍ୟାକୁ ଏଡ଼ାଇବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଡିବିର ଟ୍ରାନ୍ସପୋର୍ଟ ସେକ୍ଟର ଅଫିସ୍‌ର ନିର୍ଦ୍ଦେଶକ କାଞ୍ଜୋ ନାକାଇ ଯାତାୟାତ, ସହରୀ ଉତ୍ପାଦକତା ଓ ବିକାଶ ମଧ୍ୟରେ ଥିବା ଗଭୀର ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଛଅଟି ପ୍ରମୁଖ ମହାନଗରକୁ ନେଇ ସେମାନଙ୍କ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନର ଉଲ୍ଲେଖ କରି ସେ କହିଥିଲେ ଯେ, କେତେକ ସହରରେ ଯାତ୍ରୀମାନେ ଦୈନିକ ଚାରି ଘଂଟା ପର୍ଯ୍ୟନ୍ତ ଯାତ୍ରାରେ ବିତାଉଛନ୍ତି, ଯାହା ଉତ୍ପାଦକତା ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଉଛି । ସେ ଆହୁରି କହିଥିଲେ ଯେ, ଓଡ଼ିଶାର ବର୍ତ୍ତମାନର ସହରୀକରଣ ପର୍ଯ୍ୟାୟ ଏଭଳି ଏକ ସୁଯୋଗ ପ୍ରଦାନ କରୁଛି, ଯାହା ମାଧ୍ୟମରେ ପୁରୁଣା ମହାନଗରଗୁଡ଼ିକରେ ଦେଖାଦେଇଥିବା କା?-କେନ୍ଦ୍ରିକ ଯାତାୟାତ ଧାରା ଓ ଭିତିଭୂମିଗତ ସମସ୍ୟାକୁ ଏଡ଼ାଇ ଅଧିକ ସ୍ଥାୟୀ ଓ ସମନ୍ୱିତ ଯାତାୟାତ ବ୍ୟବସ୍ଥା ଗଢ଼ି ତୋଳାଯାଇପାରିବ । କର୍ମଶାଳାରେ ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର, ମ୍ୟୁନିସିପାଲ୍ ଆଡମିନିଷ୍ଟ୍ରେସନ୍ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, କୁଟ୍ ର ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସିଦ୍ଦିକ୍ ଆଲମ୍, ଇଡକୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ ରେଡ୍ଡୀ ଏବଂ ବିଡିଏ ର ଉପାଧ୍ୟକ୍ଷ ଚଂଚଳ ରାଣାଙ୍କ ସମେତ ୱର୍କ୍ସ ବିଭାଗ, ଓଏସଆରଟିସି , ପୁଲିସ,ଇଡକୋ , କେଡିଏ ଏବଂ ଜଗତସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାର ଜିଲ୍ଲାପାଳମାନେ ଓ ଅନ୍ୟାନ୍ୟ ଅଂଶୀଦାରମାନେ ଅନଲାଇନ୍ ମାଧ୍ୟମରେ ଯୋଗଦେଇଥିଲେ। ଏଡ଼ିବି ଟିମ୍ ପକ୍ଷରୁ ସିନିୟର ଟ୍ରାନ୍ସପୋର୍ଟ ଆଡଭାଇଜର ସୌଗତ ଦାସଗୁପ୍ତ, ପରାମର୍ଶଦାତା ବଙ୍କିମ୍ କାଲ୍ରା, ଶ୍ରୀମତୀ ଜୋହରା ମୁତାବନ୍ନା, ଅଙ୍କୁଶ ମଲହୋତ୍ରା ଏବଂ ସିଷ୍ଟ୍ରାର ଶ୍ରୀମତୀ ପ୍ରିଆ ଘୋଷ ଚାଟାର୍ଜୀଙ୍କ ସମେତ ଅନ୍ୟମାନେ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । କର୍ମଶାଳାରେ ହୋଇଥିବା ଆଲୋଚନା ଓ ମତବିନିମୟ ଓଡ଼ିଶାରେ ଦକ୍ଷ, ସମାବେଶୀ, ସଂଯୋଜିତ ଓ ସ୍ଥାୟୀ ସହରୀ ଯାତାୟାତ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏକ ସମନ୍ୱିତ ଯାତାୟାତ ପରିବର୍ତ୍ତନ ଢାଂଚା ପ୍ରସ୍ତୁତିରେ ସହାୟକ ହେବ।

# ବିବିଧା

## ଜଙ୍ଘରୁ କେମିତି ଚର୍ବି କମାଇବେ ଜାଣନ୍ତୁ...

ଓଜନ ହ୍ରାସ କରିବା ପାଇଁ 'ବଜ୍ରାସନ' ବିଶେଷ ଲାଭଦାୟକ ଅଟେ। ଏହାର ଅଭ୍ୟାସ ଶରୀରର ଓଜନ କମାଇବାରେ ସାହାଯ୍ୟ କରେ ଏବଂ ବିଶେଷ ଭାବରେ ଜଙ୍ଘ ଓ ପେଟରେ ଜମା ହୋଇଥିବା ଚର୍ବିକୁ ହ୍ରାସ କରିଥାଏ। ଏହା ପେଟକୁ ହାଲୁକା ଅନୁଭବ କରାଏ ଏବଂ ପାଚନ ତନ୍ତ୍ରକୁ ମଜବୁତ କରେ।



ଏହା କୋଷ୍ଠକାଠିନ୍ୟ, ଗ୍ୟାସ୍, ଏସିଡ୍ ରିଫ୍ଲକ୍ସ (ଅମ୍ଳପିତ୍ତ) ଏବଂ ଅଜୀର୍ଣ୍ଣ ଭଳି ପାଚନ ସମ୍ବନ୍ଧୀୟ ସମସ୍ୟା ଦୂର କରିବାରେ ସାହାଯ୍ୟ କରେ। ବଜ୍ରାସନ ଶରୀରରେ ରକ୍ତ ସଞ୍ଚାଳନରେ ଉନ୍ନତି ଆଣେ ଏବଂ ଏହାର ଦୈନିକ ଅଭ୍ୟାସ 'ସାଇଆଟିକା' ଭଳି ସମସ୍ୟାରୁ ମଧ୍ୟ ଆରାମ ପ୍ରଦାନ କରେ। ଖାଇବା ପରେ ଏହି ଆସନର ଅଭ୍ୟାସ କରିବା ବିଶେଷ ଲାଭଦାୟକ ବୋଲି ବିବେଚନା କରାଯାଏ।

ପ୍ରଥମେ ଏକ ସମତଳ ସ୍ଥାନରେ ଯୋଗ ମ୍ୟାଟ୍ ପକାଇ ଆଣ୍ଠୁ ମାଡ଼ି ବସନ୍ତୁ। ଦୁଇ ଗୋଡ଼କୁ ପଛପଟକୁ ଭାଙ୍ଗି ରଖନ୍ତୁ। ଦୁଇ ପାଦର ବୁଢ଼ା ଆଙ୍ଗୁଠି ପରସ୍ପରକୁ ସ୍ପର୍ଶ କରିପାରେ ଏବଂ ଗୋଇଠିକୁ ସୁବିଧା ଅନୁସାରେ ଅଳ୍ପ ଅଲଗା ରଖନ୍ତୁ।

ଏବେ ଶରୀରର ଓଜନକୁ ସୁବିଧାଜନକ ଭାବେ ଗୋଇଠି ମଧ୍ୟରେ ବା ଉପରେ ରଖି ବସନ୍ତୁ। ପିଠି ଓ ମେରୁଦଣ୍ଡକୁ ସିଧା ରଖନ୍ତୁ। ଦୁଇ ହାତକୁ ଆଣ୍ଠୁ ଉପରେ ରଖି ସ୍ୱାଭାବିକ ଭାବେ ଶ୍ୱାସ ନିଅନ୍ତୁ। ଆରମ୍ଭରେ ଯେତେ ସମୟ ସୁବିଧା ଲାଗୁଛି ସେତିକି ସମୟ ରୁହନ୍ତୁ; କଷ୍ଟ ହେଲେ ଜୋର କରନ୍ତୁ ନାହିଁ।

ଆଣ୍ଠୁରେ ଗୁରୁତର ସମସ୍ୟା କିମ୍ବା ତୀବ୍ର ବେଦନା ଥିଲେ ବଜ୍ରାସନ ଏଡ଼ାଇବା କିମ୍ବା ଯୋଗ ବିଶେଷଜ୍ଞ/ଡାକ୍ତରଙ୍କ ପରାମର୍ଶରେ କରିବା ଭଲ।

ସେହିପରି ଆଣ୍ଠୁ, ଗୋଇଠି କିମ୍ବା ବଳାଗଣ୍ଠିରେ ନିକଟରେ ଆଘାତ ବା ଅପରେସନ୍ ହୋଇଥିଲେ ନିଜ ଇଚ୍ଛାରେ ଏହି ଆସନ ନକରି ପ୍ରଥମେ ଚିକିତ୍ସକଙ୍କ ପରାମର୍ଶ ନେବା ଉଚିତ। ଗର୍ଭାବସ୍ଥାରେ ଯୋଗ କରୁଥିଲେ ମଧ୍ୟ ଡାକ୍ତର କିମ୍ବା ଦକ୍ଷ ଯୋଗ ପ୍ରଶିକ୍ଷକଙ୍କ ପରାମର୍ଶ ନେବା ଭଲ। ନିୟମିତ ଓ ଠିକ୍ ପଦ୍ଧତିରେ ବଜ୍ରାସନ କରିବା ହଜମ ପ୍ରକ୍ରିୟା ଓ ଗୋଡ଼ର ପେଶୀ ପାଇଁ ଉପକାରୀ ହୋଇପାରେ।

## ଆଜି ଭାଗବତ ଜନ୍ମ



ଆଜି ପବିତ୍ର ଭାଗବତ ଜନ୍ମ । ଭାଦ୍ରବ ମାସ ପୂର୍ଣ୍ଣିମା ତିଥିରେ ଭାଗବତ ଜନ୍ମଦିନ ରୂପେ ପାଳନ କରାଯାଏ । ଏହି ଦିନ ଜଗନ୍ନାଥ ଦାସ ଭାଗବତ ଲେଖିବା ଆରମ୍ଭ କରିଥିବା କଥାରେ ଅଛି । ଏହାକୁ ମଧ୍ୟ 'ଭାଗବତ ବଡ଼ା' ମଧ୍ୟ କୁହାଯାଏ । ଭାଗବତର ଆଧ୍ୟାତ୍ମିକ ଦିଗଟି ଯେତିକି ଗୁରୁତ୍ୱପୂର୍ଣ୍ଣ ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ଓଡ଼ିଆ ଭାଷାର ପ୍ରସାର, ଏକତା ଏବଂ ସଂସ୍କୃତିର ରକ୍ଷା । ସେଥିପାଇଁ ପୂର୍ବ କାଳରେ ପ୍ରତି ଗାଁରେ ରହିଥିଲା ଭାଗବତ ଟୁଙ୍ଗୀ । ପ୍ରତି ସନ୍ଧ୍ୟାରେ ଏହି ଟୁଙ୍ଗୀରେ ଭାଗବତ ପାଠ ହେଉଥିଲା। ଗାଁର ସମସ୍ତ ନରନାରୀ ଏକାଠି ବସି ପଣ୍ଡିତଙ୍କ ଠାରୁ ଭାଗବତ ପାଠ ଶୁଣୁଥିଲେ । ଅନେକ ନୈତିକ ମୂଲ୍ୟବୋଧ ଏବଂ ଦୈନନ୍ଦିନ ଜୀବନ ପାଇଁ ଆବଶ୍ୟକ ଅନେକ କଥା ଏଥିରେ ବର୍ଣ୍ଣନା କରାଯାଇଛି। ତେଣୁ ଓଡ଼ିଆ ଜାତିର ରକ୍ତରେ, ଚଳଣିରେ ସାମିଲ ହୋଇଯାଇଥିଲା ଭାଗବତ । ମୃତ୍ୟୁ ଭୟରୁ ରାଜା ପରୀକ୍ଷିତଙ୍କୁ ଉଦ୍ଧାର କରିବାକୁ, ଶୁକମୁନି ତାଙ୍କୁ ଭଗବାନ ଶ୍ରୀକୃଷ୍ଣଙ୍କର ଯେଉଁ ଅମୃତ ଆଖ୍ୟାନ ସାତଦିନ ଧରି ଶୁଣାଇଥିଲେ, ତାହା ହେଉଛି 'ଶ୍ରୀମଦ୍‌ଭାଗବତ'। କିନ୍ତୁ କେଉଁ ସାତଦିନ ଶୁକଦେବ ତାହା ଶୁଣାଇଥିଲେ, ସେ ସଂପର୍କରେ 'ଶ୍ରୀମଦ୍‌ଭାଗବତ'ରେ କୌଣସି ଉଲ୍ଲେଖ ନାହିଁ। କିନ୍ତୁ ବ୍ୟାଖ୍ୟାକାରମାନଙ୍କ କଥନରେ ଏବଂ ଲୋକ ପରମ୍ପରାରେ ପ୍ରଚଳିତ ଅଛି, ଯେ ରାଜା ପରୀକ୍ଷିତଙ୍କୁ ଶୁକମୁନି ଭାଦ୍ରବ ଶୁକ୍ଳ ନବମୀ ଦିନ ଭଗବାନଙ୍କର ସେହି ଅମୃତ ଆଖ୍ୟାନ ଶୁଣାଇବା ଆରମ୍ଭ କରିଥିଲେ ଏବଂ ତାହା ଭାଦ୍ରବ ପୂର୍ଣ୍ଣିମା ଦିନ ସଂପୂର୍ଣ୍ଣ ହୋଇଥିଲା। ସେଇଥିପାଇଁ ସମ୍ଭବତଃ, ଭାଦ୍ରବ ପୂର୍ଣ୍ଣମୀ ଭାଗବତ ଜନ୍ମର ପୁଣ୍ୟ ତିଥି ରୂପେ ପାଳିତ ହୋଇ ଆସୁଛି। ବ୍ୟାସଦେବ ରଚିତ ସଂସ୍କୃତ ଶ୍ରୀମଦ ଭାଗବତ ଓଡ଼ିଆ ଭାଷାଭାଷୀଙ୍କ ନିକଟରେ ବିଶେଷ ଆଦୃତ ହୋଇପାରିନଥିଲା । ତଥାପି ଶ୍ରୀମନ୍ଦିର ପରିସରରେ ଏହାର ପ୍ରତି ସନ୍ଧ୍ୟାରେ ପାଠ କରାଯାଉଥିଲା । ତେବେ ଏହାକୁ ଜଗନ୍ନାଥ ଦାସ ଓଡ଼ିଆରେ ଲେଖିବା ପରେ ଭାଗବତ ଘରେ ଘରେ ପରିଚିତ ହୋଇଗଲା । ବୋଧହୁଏ ଏମିତି କୋଉ ଓଡ଼ିଆ ଘର ନଥିବ ଯେଉଁଠି ଭାଗବତ ଖଣ୍ଡିଏ ନଥିବ । ଠିକ୍ ଯେମିତି ଦେବତାଙ୍କୁ ମର୍ଯ୍ୟାଦା ଓ ସମ୍ମାନ ତଥା ଭକ୍ତି କରାଯାଏ ସେହିଭଳି ଭାଗବତକୁ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରାଯିବା ପରେ ତାକୁ ପାଠ କରାଯାଏ । କୁହାଯାଏ ଜଗନ୍ନାଥ ଦାସ ଗୋସ୍ୱାମୀ ବଟ ଗଣେଶଙ୍କ ନିକଟରେ ବସି ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ନବାକ୍ଷରୀ ବୃତ୍ତରେ ରଚନା କରିଥିଲେ । ଏହା ବାରଟି ଖଣ୍ଡରେ ଲେଖା ଯାଇଛି । ପ୍ରତି ଖଣ୍ଡରେ ୧୦ ରୁ ୩୦ଟି ଅଧ୍ୟାୟ ରହିଛି। ପ୍ରତି ଅଧ୍ୟାୟରେ ରହିଛି ୫୦ରୁ ୩୦୦ ଛନ୍ଦ । ଜଗନ୍ନାଥ ଦାସଙ୍କୁ ଶ୍ରୀ ଚୈତନ୍ୟ ଦେବ ଅତିବଡ଼ୀ ଉପାଧି ଦେଇଥିଲେ ।

## ଦ୍ୱିତୀୟ ଧନୀ ଅଭିନେତା ସାଜିଲେ 'ବିଗ୍ ବି'



ବଲିଉଡର ମହାନାୟକ ଅମିତାଭ ବଚ୍ଚନ। ବର୍ତ୍ତମାନ ତାଙ୍କୁ ନେଇ ସାମ୍ନାକୁ ଆସିଛି ଏକ ଚମକାଇଦେବା ଭଳି ଖବର। ବୟସ ବଢୁଛି ସତ କିନ୍ତୁ 'ବିଗ୍ ବି'ଙ୍କ ବ୍ରାଣ୍ଡ ଭାଲ୍ୟୁ କମୁନି । ବିଗ ବିଙ୍କ ସମ୍ପତ୍ତି ଲଗାତାର ବୃଦ୍ଧି ହେଉଛି, ତାହା ପୁଣିଥରେ ପ୍ରମାଣିତ ହୋଇଛି। 'ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୬' ଅନୁସାରେ, ଅମିତାଭ ବଚ୍ଚନ ଭାରତର ଦ୍ୱିତୀୟ ଧନୀ ଅଭିନେତା ଭାବେ ସ୍ଥାନ ହାସଲ କରିଛନ୍ତି। ହୁରୁନ୍ ଇଣ୍ଡିଆ ରିଚ୍ ଲିଷ୍ଟ ୨୦୨୬ ଅନୁସାରେ, ଅମିତାଭ ବଚ୍ଚନଙ୍କ ଆନୁମାନିକ ମୋଟ ସମ୍ପତ୍ତି ପ୍ରାୟ ୪,୦୦୦ କୋଟି ଟଙ୍କାରେ ପହଞ୍ଚିଛି, ଯାହା ଗତବର୍ଷ ପ୍ରାୟ ୧,୬୩୦ କୋଟି ଟଙ୍କା ଥିଲା। ଏହି ତାଲିକାରେ ବଲିଉଡର 'କିଙ୍ଗ୍ ଖାନ୍' ଅର୍ଥାତ୍ ଶାହରୁଖ ଖାନ୍ ପ୍ରାୟ ୧୦,୦୦୦ କୋଟି ଟଙ୍କାର ସମ୍ପତ୍ତି ସହ ପ୍ରଥମ ସ୍ଥାନରେ ରହିଛନ୍ତି। ରିପୋର୍ଟ ମୁତାବକ, ଫ୍ୟାମିଲି ଅଫିସ୍ ମାଧ୍ୟମରେ ବିଭିନ୍ନ କମ୍ପାନୀରେ ନିବେଶ ଏବଂ ମୂଲ୍ୟବାନ୍ ରିଅଲ୍ ଇଷ୍ଟେଟ୍ ସମ୍ପତ୍ତି ହିଁ ତାଙ୍କ ମୋଟ ସମ୍ପତ୍ତିକୁ ଏତେ ମାତ୍ରାରେ ବଢ଼ାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ତାଲିକାରେ ଶାହରୁଖ ଓ ଅମିତାଭଙ୍କ ପରେ ସଲମାନ ଖାନ୍ ପ୍ରାୟ ୩,୦୦୦ କୋଟି ଏବଂ ହ୍ରିତିକ ରୋଶନ ପ୍ରାୟ ୨,୫୦୦ କୋଟି ଟଙ୍କାର ସମ୍ପତ୍ତି ସହ ନାମ ସାମିଲ କରିଛନ୍ତି। ଏହି ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି ଯେ କେବଳ ଅଭିନୟ ନୁହେଁ, ବରଂ ବ୍ୟବସାୟିକ ବୁଦ୍ଧି ଓ ସଠିକ୍ ନିବେଶ ମାଧ୍ୟମରେ ମଧ୍ୟ ବଲିଉଡ୍ ତାରକାମାନେ କିପରି ସଫଳତାର ଶିଖର ଛୁଇଁପାରୁଛନ୍ତି। ବୟସର ଏହି ଅପରାଜେୟ ଯାତ୍ରାରେ ଅମିତାଭ ବଚ୍ଚନ ସମସ୍ତଙ୍କ ପାଇଁ ଏକ ପ୍ରେରଣା ପାଲଟିଛନ୍ତି।

## ଝିଅର ସଫଳତାରେ ଭାବବିହ୍ୱଳ ହେଲେ ବିବେକ

ପିଲାମାନଙ୍କ ସଫଳତାଠାରୁ ବଡ଼ ଖୁସି ବାପାମାଆଙ୍କ ପାଇଁ ଆଉ କ'ଣ ବା ହୋଇପାରେ! ସେପରି ଏକ ଆନନ୍ଦର ମୁହୂର୍ତ୍ତକୁ ଏବେ ଉପଭୋଗ କରିବା ସହ ଭାବପ୍ରବଣ ହୋଇଛନ୍ତି ବଲିଉଡ୍ ଅଭିନେତା ବିବେକ ଓବରଏ। ତାଙ୍କ ପୋଷ୍ୟା କନ୍ୟା ସାହାରା ଶାହ ପ୍ରଥମ ଥର ପାଇଁ ଏକ ନେପାଳୀ ଫିଲ୍ମରେ ମୁଖ୍ୟ ଅଭିନେତ୍ରୀ ଭାବେ ଅଭିନୟ କରିବାକୁ ଯାଉଛନ୍ତି। ଏହି ଖବର ଶୁଣି ବିବେକଙ୍କ ଖୁସିର ସୀମା ନାହିଁ। ୨୨ ବର୍ଷୀୟା ସାହାରାଙ୍କ ଅଭିନୀତ ଏହି ସିନେମାଟି ଆସନ୍ତା ବର୍ଷ ମୁକ୍ତିଲାଭ କରିବ ବୋଲି ସୂଚନା ରହିଛି। ବିବେକ ତାଙ୍କ ଜୀବନରେ କର୍କଟ ସହ ଲଢୁଥିବା ଅନେକ ପିଲାଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ଦାୟିତ୍ୱ ନେଇଛନ୍ତି। ସାହାରା ସେମାନଙ୍କ ମଧ୍ୟରୁ ଅନ୍ୟତମ। ସାହାରାଙ୍କୁ ଯେତେବେଳେ ଅଢ଼େଇ ବର୍ଷ ବୟସ ହୋଇଥିଲା, ସେ କର୍କଟ ରୋଗରେ ପୀଡ଼ିତ ଥିଲେ। ବିବେକ ସେ ସମୟରୁ ତାଙ୍କୁ ପୋଷ୍ୟା କନ୍ୟା ଭାବେ ଗ୍ରହଣ କରି ତାଙ୍କ ଦାୟିତ୍ୱ ବହନ କରିଆସୁଛନ୍ତି। ବିବେକଙ୍କ ସ୍ନେହ ଓ ସହାୟତା ବଳରେ ଆଜି କର୍କଟକୁ ପରାସ୍ତ କରି ନିଜ ଜୀବନରେ ଆଗକୁ ବଢୁଛନ୍ତି ସାହାରା। ଏହାଛଡ଼ା ସେ ବିମାନ ଚଳାଚଳ ପ୍ରଶିକ୍ଷଣ ମଧ୍ୟ ନେଇଛନ୍ତି। ନିଜର ପ୍ରଥମ ସିନେମାରେ ଅଭିନୟ ପାଇଁ ଚୁକ୍ତି କରିବା ପୂର୍ବରୁ ସାହାରା ପ୍ରଥମେ ବିବେକଙ୍କୁ ଜଣାଇ ତାଙ୍କ ଆଶୀର୍ବାଦ ନେଇଥିଲେ। ବିବେକଙ୍କ ସହଯୋଗ ପାଇଁ ତାଙ୍କ ନିକଟରେ କୃତଜ୍ଞତା ଜଣାଇବା ସହ ତାଙ୍କୁ ନିଜ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ସ୍ୱୀକାର କରନ୍ତି ସାହାରା। କନ୍ୟାଙ୍କ ସଫଳତା ସମ୍ପର୍କରେ ଶୁଣି ବିବେକ ଭାବୁକ ହୋଇ ତାଙ୍କୁ ଆଲିଙ୍ଗନ କରି ନିଜର ଖୁସି ବ୍ୟକ୍ତ କରିଥିଲେ। କର୍କଟ ସହ ଲଢୁଥିବା ସେହି ଝିଅଟି ଆଜି ନିଜ ସ୍ୱପ୍ନ ଆଡ଼କୁ ଅଗ୍ରସର ହେଉଥିବା ଦେଖି ବିବେକ ଭାବବିହ୍ୱଳ ହୋଇଛନ୍ତି।



## ଅଜୟଙ୍କ 'ଦୃଶ୍ୟମ ୩'କୁ ନେଇ ବଢୁଛି କ୍ରେଜ୍



ବଲିଉଡ୍‌ର ଲୋକପ୍ରିୟ ସସ୍ପେନ୍ସ-ଥ୍ରିଲର ଫ୍ରାଞ୍ଚାଇଜ 'ଦୃଶ୍ୟମ'ର ତୃତୀୟ ଭାଗକୁ ନେଇ ଦର୍ଶକଙ୍କ ଉତ୍ସାହ ବଢ଼ିବାରେ ଲାଗିଛି। ଅଜୟ ଦେବଗନଙ୍କ ଅଭିନୀତ 'ଦୃଶ୍ୟମ ୩' ୨ ଅକ୍ଟୋବର ଅର୍ଥାତ୍ ଗାନ୍ଧୀ ଜୟନ୍ତୀ ଅବସରରେ ସାରା ବିଶ୍ୱର ସିନେମା ହଲ୍‌ରେ ରିଲିଜ ହେବାକୁ ଯାଉଛି। ଫିଲ୍ମକୁ ନେଇ ଏବେଠାରୁ ବକ୍ସ ଅଫିସ୍‌ରେ ବଡ଼ ଆଶା ରହିଛି। 'ଦୃଶ୍ୟମ ୩' ପ୍ରଥମ ଦିନରେ ଭାରତରେ ୫୩ କୋଟି ଟଙ୍କାର ନେଟ କଲେକ୍ସନ କରିବାକୁ ଟାର୍ଗେଟ ରଖିଛି। ଏପରି ହେଲେ ଏହା ଅଜୟ ଦେବଗନଙ୍କ ସବୁଠାରୁ ବଡ଼ ଓପନିଂ ଦେଇଥିବା ଫିଲ୍ମଗୁଡ଼ିକ ମଧ୍ୟରେ ସାମିଲ ହୋଇପାରେ। ୨ ଅକ୍ଟୋବର ଛୁଟି ଦିନରେ ଫିଲ୍ମ ରିଲିଜ ହେଉଥିବାରୁ ଏହାର ଓପନିଂ କଲେକ୍ସନକଚ ଫାଇଦା ମିଳିବାର ଆଶା ରହିଛି। 'ଦୃଶ୍ୟମ' ଫ୍ରାଞ୍ଚାଇଜ୍‌ର ନିଜସ୍ୱ ଫ୍ୟାନ ବେସ ଥିବାରୁ ଫିଲ୍ମର ପ୍ରଥମ ଦିନର କଲେକ୍ସନକୁ ନେଇ ମଧ୍ୟ ଆଶା ବଢ଼ିଛି। ତେବେ ଏପର୍ଯ୍ୟନ୍ତ ଫିଲ୍ମର ଆଡଭାନ୍ସ ବୁକିଂ ଆରମ୍ଭ ହୋଇନାହିଁ। ରିଲିଜକୁ ଆହୁରି କିଛି ଦିନ ବାକି ଥିବାରୁ ଆଗାମୀ ଦିନରେ ଆଡଭାନ୍ସ ବୁକିଂର ଟ୍ରେଣ୍ଡ ଉପରେ ନଜର ରହିବ। 'ଦୃଶ୍ୟମ ୩'ରେ ଅଜୟ ଦେବଗନଙ୍କ ସହ ତବୁ ଓ ଶ୍ରିୟା ସରନ ନିଜ ନିଜ ପୁରୁଣା ଚରିତ୍ରରେ ନଜର ଆସିବେ। ଅନ୍ୟପକ୍ଷରେ 'ଦୃଶ୍ୟମ ୨'ରେ ଆଇଜି ତରୁଣ ଅହଲାୱତଙ୍କ ଭୂମିକାରେ ନଜର ଆସିଥିବା ଅକ୍ଷୟ ଖାନ୍ନା ଏଥର ଫିଲ୍ମରେ ନାହାନ୍ତି।ଅକ୍ଷୟଙ୍କ ସ୍ଥାନରେ ଏଥର ଜୟଦୀପ ଅହଲାୱତଙ୍କ ଏଣ୍ଟ୍ରି ହୋଇଛି। ସେ ଜଣେ ଦକ୍ଷ ଓ କଠୋର ତଦନ୍ତକାରୀ ଅଧିକାରୀଙ୍କ ଭୂମିକାରେ ଅଜୟ ଦେବଗନଙ୍କ ଚରିତ୍ରକୁ ଚ୍ୟାଲେଞ୍ଜ କରୁଥିବା ଦେଖାଯିବେ। 'ଦୃଶ୍ୟମ' ଫ୍ରାଞ୍ଚାଇଜ୍‌ର ପୂର୍ବ ଦୁଇଟି ଭାଗ ଦର୍ଶକଙ୍କ ମଧ୍ୟରେ ବେଶ ଲୋକପ୍ରିୟ ହୋଇଥିଲା। ୨୦୧୫ରେ ରିଲିଜ ହୋଇଥିବା 'ଦୃଶ୍ୟମ' ଏବଂ ୨୦୨୨ରେ ଆସିଥିବା 'ଦୃଶ୍ୟମ ୨'କୁ ଦର୍ଶକଙ୍କ ଦର୍ଶକଙ୍କ ଭଲ ପ୍ରତିକ୍ରିୟା ମିଳିଥିଲା।



ଉତ୍କଳ ସମାଚାର

## ସମ୍ପାଦକୀୟ...

ରବିବାର ୨୭ ସେପ୍ଟେମ୍ବର ୨୦୨୬

# ଚିନ୍ମୟ ଚେତନା : ମନ୍ଦିରରେ ମୂଷା

ଚିନ୍ମୟ ହୋତା



ଓଡ଼ିଆ ସଂସ୍କୃତି ଓ ଭକ୍ତି ଜଗତର ନାଭିକେନ୍ଦ୍ର ପୁରୀ ଶ୍ରୀମନ୍ଦିରକୁ ସବୁବେଳେ ଘେରି ରହିଥାନ୍ତି କିଛି ନା କିଛି ରୋଚକ ଓ ବିବଦମାନ ସମ୍ବାଦ। କେତେବେଳେ ବ୍ରହ୍ମବିଭ୍ରାଟ ତ କେତେବେଳେ ମନ୍ଦିରରୁ ପଥର ଖସିବା, ପୁଣି କେତେବେଳେ ଚାରିଦ୍ୱାର ଖୋଲାଯିବା ନ ଯିବାକୁ ନେଇ ତର୍କ-ବିତର୍କ। ହେଲେ ଏବେ ଯେଉଁ ଚମକପ୍ରଦ ଖବରଟି ଏସବୁକୁ ପଛରେ ପକାଇ ଦେଇଛି, ତାହା ହେଲା ଶ୍ରୀମନ୍ଦିରରେ ମୂଷା ଓ ଅସରପାଙ୍କ ବଢ଼ିଚାଲିଥିବା ଉତ୍ପାତ। ଆପଣ କହିବେ ଅସରପାମାନେ ଦେଶର ଶାସନବ୍ୟବସ୍ଥା ଓ ରାଜନୀତିକୁ ହଲାପଟା କରି ସାରିଥିବାବେଳେ କିଛି ମୂଷା ଓ ଅସରପା ରତ୍ନବେଦି ଚାରିପାଖରେ ଘୂରି ବୁଲିବାଟା କୋଉ ବଡ଼ କଥା ? କଥାଟିର ଗୁରୁତ୍ୱ ଏଇଥି ପାଇଁ ଯେ ଏହି ଦ୍ୱନ୍ଦ୍ୱ ଯୁଦ୍ଧରେ ପ୍ରତିପକ୍ଷଙ୍କ ଶକ୍ତି ଅସମ : କାହିଁ ସକଳ ଶକ୍ତିର ଉତ୍ସ, ସମସ୍ତ ସମସ୍ୟାର ସମାଧାନ ପ୍ରଭୁ ଜଗନ୍ନାଥ, ଆଉ କାହିଁ ଛାର ମୂଷା ଓ ଅସରପା ଦଳ ? ପୁଣି ବଡ଼ଠାକୁରଙ୍କ ପକ୍ଷରେ ଲଢ଼ିବାକୁ ତିଆର ଅଛନ୍ତି ସକଳ ପାର୍ଥିବ ଓ ଆର୍ଥିକ କ୍ଷମତାଧାରୀ ମନ୍ଦିର କର୍ତ୍ତୃପକ୍ଷ। ଚମକପ୍ରଦ କଥା ଏଇୟା ଯେ ଶକ୍ତିର ଏହି ଅସାମଞ୍ଜସ୍ୟ ସତ୍ତ୍ୱେ ଶ୍ରୀମନ୍ଦିରରେ ଏହି ନଗଣ୍ୟ ପ୍ରାଣୀଗୁଡ଼ିକର ଉପଦ୍ରବ କମିବାର କୌଣସି ଚିହ୍ନ ଦେଖାଯାଉ ନାହିଁ। ଏଣେ ଏ ଅଦ୍ଭୁତ ଲଢ଼େଇରେ ଅତି ନିଷ୍ଠାର ସହ ପାଳନ କରାଯାଉଥିବା ଏକ ଧାର୍ମିକ ନିଷେଧାଜ୍ଞା, କର୍ତ୍ତୃପକ୍ଷଙ୍କ କ୍ଷମତାକୁ ସୀମିତ କରି ପକାଉଛି। ତାହା ହେଲା, ଭଗବାନଙ୍କ ନିବାସ ଭିତରେ ଏହି ପ୍ରାଣୀଗୁଡ଼ିକୁ ହତ୍ୟା କରାଯାଇପାରିବ ନାହିଁ। ସକଳ ଜୀବଜଗତର ରକ୍ଷାକର୍ତ୍ତା ବଡ଼ଠାକୁର କେମିତି ସେମାନଙ୍କର ସଂହାରର କାରଣ ହେବେ ? ସେଇ ଛୋଟ ପ୍ରାଣୀଗୁଡ଼ିକୁ କେବଳ ଜୀବନ୍ତ ଧରି ମନ୍ଦିରରୁ ବାହାର କରିଦିଆଯିବ। ଆଉ ତାହା ହିଁ ହେଲା ଅସାଧ। ବଡ଼ମନ୍ଦିରର ମୂଷାମାନେ ଦିଅଁଙ୍କର ପୋଷାକ, ଫୁଲ ନୈବେଦ୍ୟ, ଇତ୍ୟାଦି ସବୁକିଛି ନିର୍ବିଘ୍ନରେ କାଟି ଚାଲିଛନ୍ତି। କିନ୍ତୁ ମୂଷା ପ୍ରାଦୁର୍ଭାବ ଆଉ କେବଳ ଠାକୁରଙ୍କ ବସ୍ତ୍ରରେ ସୀମିତ ରହିନାହିଁ। ମୂଷାର ସାମନା ପଟର ଦାନ୍ତ ତ ସାରା ଜୀବନ ବୃଦ୍ଧି ପାଉଥାଏ। ସେଇ ବଢ଼ନ୍ତା ଦାନ୍ତକୁ ନିୟନ୍ତ୍ରଣରେ ରଖିବା ପାଇଁ ସେ କ୍ରମାଗତ ଶକ୍ତ ବସ୍ତୁକୁ କୁଟକୁଟା କରି କାଟି ଚାଲିଥାଏ। କାଠ, ପ୍ଲାଷ୍ଟିକ, ଏମିତିକି ଘରର କାନ୍ଥ ସବୁ ତା' ପାଇଁ ଦାନ୍ତ ଘଷାର ଉପକରଣ। ଏଣେ, ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ବିଗ୍ରହ କାଠରେ ତିଆରି। ଅତଏବ ଦେବତାର ପୋଷାକ ତଳେ ଥିବା କାଠ ଆଡ଼କୁ ଯଦି ମୂଷାର ଦାନ୍ତ ଆଗେଇ ଯାଏ, ସେଥିପାଇଁ ପ୍ରାଣୀଟିର ଧାର୍ମିକ ଉଦ୍ଦେଶ୍ୟ ଖୋଜିବା ଦରକାର ନାହିଁ। ତା' ପାଇଁ ସେଇଟା ନିଚ୍ଛକ ଦନ୍ତ-ପରିଚର୍ଯ୍ୟା। ଏଇଠି ହିଁ ଧର୍ମୀୟ ବିଶ୍ୱାସ ଓ ମୂଷିକ ପ୍ରବୃତ୍ତି ଭିତରେ ଏକ ବିଚିତ୍ର ଯୋଗସୂତ୍ର ସୃଷ୍ଟି ହୁଏ। ହିନ୍ଦୁ ଧର୍ମରେ ମୂଷା ଏକ ଅବାଞ୍ଛିତ ପ୍ରାଣୀ ନୁହେଁ। ଗଣେଶଙ୍କ ବାହନ ସେଇ ମୂଷିକ। ହାତୀମୁଣ୍ଡ ଧାରଣ କରିଥିବା ଏହି ବିଶାଳକାୟ ଦେବତା ଚଢ଼ିଛନ୍ତି ଏମିତି ଏକ ପ୍ରାଣୀ ଉପରେ, ଯାହା ସାଧାରଣତଃ ଚାଉଳ ବସ୍ତା, ରୋଷେଇ ଘରର ଆଲମାରି ଓ କାନ୍ଥର ଗର୍ତ୍ତ ଦଖଲ କରିଥାଏ। ପୁଣି ଭାରତର କୋଉଠି କୋଉଠି ମୂଷାର ମର୍ଯ୍ୟାଦା ବହୁତ ବେଶୀ। ରାଜସ୍ଥାନର କରଣୀ ମାତା ମନ୍ଦିରରେ ହଜାର ହଜାର ମୂଷାଙ୍କୁ ଭକ୍ତମାନେ ଶ୍ରଦ୍ଧା ଓ ପୂଜା କରନ୍ତି। ସରକାରୀ ତଥ୍ୟ ଅନୁଯାୟୀ ସେଠାରେ ପଚିଶ ହଜାର ମୂଷିକ ଅବାଧରେ ବିଚରଣ କରନ୍ତି ଏବଂ ସେମାନଙ୍କୁ ପବିତ୍ର ବୋଲି ବିଚାର କରାଯାଏ, ଅର୍ଥାତ୍ ଗୋଟିଏ ମନ୍ଦିରରେ ମୂଷାକୁ ଧରିବା ପାଇଁ ଯନ୍ତା ବସିଲା ବେଳକୁ ଆଉ ଗୋଟେ ମନ୍ଦିରରେ ଜୀବଟି ପାଇଁ ରହିଛି ସମସ୍ତ ପ୍ରକାର ଆଦର ଅଭ୍ୟର୍ଥନା। କେଉଁଠି ସେମାନେ ବିରକ୍ତିକର ଧ୍ୱଂସକାରୀ ପ୍ରାଣୀ ତ ଆଉ କେଉଁଠି ସେମାନେ 'ପବିତ୍ର'। ଏହି ଦ୍ୱୈତ ପରିଚୟ ହୁଏତ ମୂଷା ଜାତିର ଆତ୍ମବିଶ୍ୱାସକୁ ଏତେ ମାତ୍ରାରେ ବଢ଼େଇ ଦେଇଛି ଯେ ସେ ସମସ୍ତ ପ୍ରକାର ବିପଦକୁ ସହଜରେ ମୁକାବିଲା କରି ତିଷ୍ଠି ରହିପାରିଛି। ଆଉ ଏଇଠି ଆସିଯାଏ ଆମର ଚିର ପରିଚିତ ନିରବ ପ୍ରାଣୀ ଅସରପା ପ୍ରସଙ୍ଗ। ବିଭିନ୍ନ ପ୍ରତିକୂଳତା ସହ ସଂଘର୍ଷ କରି ନିଜର ଅସ୍ତିତ୍ୱ ବଜାୟ ରଖିବାରେ ମୂଷା ଯେଉଁ ପାରଦର୍ଶିତା ଦେଖାଇ ଚାଲିଛି, ଅସରପା ପ୍ରକୃତରେ ତା'ଠୁ କିଛି ପାଦ ଆଗରେ। ପୃଥିବୀର ବହୁ ପ୍ରାଚୀନ ପ୍ରାଣୀ ସମୟର ସ୍ରୋତରେ ବିଲୁପ୍ତ ହୋଇଯାଇଛନ୍ତି, କିନ୍ତୁ ଅସରପା ପ୍ରଜାତିଟି ପୃଥିବୀ ପୃଷ୍ଠରେ ଆଦିମ କାଳରୁ ତିଷ୍ଠି ରହିବାର ଅସାଧାରଣ କ୍ଷମତା ଦେଖାଇ ଆସିଛି। ରୋଷେଇ ଘରେ, ନର୍ଦ୍ଦମାରେ ଓ ଫ୍ଲାଟର ଅନ୍ଧକାର କଣରେ ନିଜର ଅସ୍ତିତ୍ୱ ଘୋଷଣା କରି ଚାଲିଛି। ମଣିଷ ତାକୁ ଯେତେ ତଡ଼ିବାକୁ ଚେଷ୍ଟା କରୁ, ଯେତେ ସ୍ପ୍ରେ ଛାଡ଼ୁ, ପାଦ ତଳେ ଦଳି ପକାଉ, ଯେତେ ଗୁଡ଼ ମାଠିଆ ସଜାଇ ରଖୁ, ପ୍ରତିଥର ଅସରପା ଯେମିତି କହେ, "ଆପଣମାନେ ସଭ୍ୟତା ଗଢ଼ିଛନ୍ତି, ହେଲେ ଆମେ ତିଷ୍ଠି ରହିବାର ବିଦ୍ୟା ଶିଖିଛୁ।" ତେଣୁ ମଣିଷ ତା'ର ପ୍ରିୟ ଦେବତାର ବାସସ୍ଥାନକୁ ଏହି ଅସନା ପ୍ରଣୀଗୁଡ଼ିକର ଦୌରାତ୍ମ୍ୟରୁ ରକ୍ଷା କରିବାକୁ ଯେତେ ଚେଷ୍ଟା କରୁ, ସବୁ ବିଫଳ ହୋଇଚାଲିଛି। ଏହି ତୁଚ୍ଛ ପ୍ରଣୀଗୁଡ଼ିକର ପ୍ରତିକୂଳତା ସାଙ୍ଗରେ ଲଢ଼େଇ କରି ବର୍ତ୍ତି ରହିବାର ସାମର୍ଥ୍ୟ ଭିତରେ କୌଣସି ଧର୍ମୀୟ ରହସ୍ୟ ନାହିଁ। ମଣିଷ ଏ ଜନ୍ମରେ ଓ ପର ଜନ୍ମରେ ତା' ନିଜର ସୁଖ ଶାନ୍ତି ପାଇଁ ଧର୍ମ କର୍ମ ଓ ପୂଜାପାଠରେ ବ୍ୟସ୍ତ ରହୁଥିବା ବେଳେ, ଏଇ ମୂଷା ଓ ଅସରପାମାନେ ଚିନ୍ତା କରନ୍ତି ତାଙ୍କ ପାଇଁ ପ୍ରସ୍ତୁତ ହୋଇ ରହିଥିବା ପରବର୍ତ୍ତୀ ଯନ୍ତା, ଗୁଡ଼ ମାଠିଆ କିମ୍ବା ବିଷାକ୍ତ ସ୍ପ୍ରେକୁ କେମିତି ସେମାନେ ଏଡ଼େଇ ଯାଇ ପାରିବେ। ବର୍ତ୍ତି ରହିବା ଲାଗି ମଣିଷ ସାଙ୍ଗରେ ଏଇ ଚିରନ୍ତନ ଲୁଚକାଳି ଖେଳରେ ଶେଷ ପର୍ଯ୍ୟନ୍ତ ଯେମିତି ମଣିଷ ହିଁ ପରାଜିତ ହୋଇଯାଏ- ତା'ର ଅସଂଖ୍ୟ ଦେବତାଙ୍କର ଶୁଭଦୃଷ୍ଟି ସତ୍ତ୍ୱେ।

# ବଣିଜ ବିଚାର : କ୍ରୀଡ଼ା ସାମଗ୍ରୀ ଉଦ୍ୟୋଗ, ରାଜ୍ୟର ସ୍ଥିତି, ସୁଯୋଗ ଓ ସମ୍ଭାବନା

## ପୂର୍ଣ୍ଣେନ୍ଦୁ କର

ଏବେ ଜାପାନର ଆଇଚି ନଗୋୟା ଠାରେ ଏସିଆନ ଗେମ୍ ?ସ ଶୃଙ୍ଖଳା ଚାଲିଛି। କ୍ରୀଡ଼ା କ୍ୟାଲେଣ୍ଡରରୁ ଦେଖିବାକୁ ମିଳେ ଯେ ଜାତୀୟ ବା ଅନ୍ତର୍ଜାତୀୟ ସ୍ତରେ ?ର ପ୍ରତ୍ୟେକ ଦିନ କିଛି ନା କିଛି ଟୁର୍ନାମେଣ୍ଟ, ଗେମ୍ସ ଆଦି ଅନୁଷ୍ଠିତ ହେଉଛି। ସତ କହିଲେ, କ୍ରୀଡ଼ାର ପରିସର ଏବେ ଅଭୂତପୂର୍ବ ଭାବେ ବୃଦ୍ଧି ପାଇଛି। ତେଣୁ ସ୍ୱାଭାବିକ ଭାବେ କ୍ରୀଡ଼ା ଉପକରଣ ଓ ସାମଗ୍ରୀର ବିଶ୍ୱରେ ଏକ ବିଶାଳ ବଜାର ରୂପ ନେଇ ସାରିଲାଣି। ସଂପ୍ରତି ବିଶ୍ୱ ବଜାରରେ କ୍ରୀଡ଼ା ସାମଗ୍ରୀର ସାମୂହିକ ବଜାର ମୂଲ୍ୟ ହେଉଛି ୭୦୦ ବିଲିଅନ ଡଲାର ବା ୫୮ ଲକ୍ଷ କୋଟି ଟଙ୍କା। ପୁଣି, ଏହା ବାର୍ଷିକ ୪.୬% ହାରରେ ବୃଦ୍ଧି ପାଇବାରେ ଲାଗିଛି। ୨୦୩୬ ବେଳକୁ ଏହା ଏକ ଟ୍ରିଲିୟନ ଡଲାର ବା ୮୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଅନୁମାନ କରାଯାଉଛି। ଏଭଳି ସ୍ଥିତିରେ ଏହି ବଜାରରେ ଆମ ଦେଶ ଓ ରାଜ୍ୟର ଅବଦାନ କେତେ ? ଆସନ୍ତୁ, ଆଲୋଚନା କରିବା। ଯଦି ଉପରୋକ୍ତ ହିସାବରୁ ସ୍ପୋର୍ଟସ୍ ଜୋତା ଓ କପଡ଼ାକୁ ବାଦ୍ ଦିଆଯାଏ, ତେବେ ସ୍ପୋର୍ଟସ୍ ବା ଖେଳ ସାମଗ୍ରୀର ବଜାର ମୂଲ୍ୟ ଏବେ ପ୍ରାୟ ୧୪୦ ବିଲିଅନ ଡଲାର ବା ପାଖାପାଖି ୧୨ ଲକ୍ଷ କୋଟି ଟଙ୍କା। ସମଗ୍ର ବିଶ୍ୱକୁ କ୍ରୀଡ଼ା ସାମଗ୍ରୀ ଯୋଗାଇବାରେ ଯଥାକ୍ରମେ ଚୀନ, ଆମେରିକା, ତାଇୱାନ, ଜର୍ମାନି ଓ ଭିଏତନାମ ଭଳି ଦେଶ ଆଗରେ ଅଛନ୍ତି। ଏହି ବଜାରର ୫୦ ଶତାଂଶ କେବଳ ଚୀନ ଅକ୍ତିଆରରେ ଥିଲା ବେଳେ ଆମ ଦେଶର ବଜାର ଅଂଶ ୧%ରୁ ମଧ୍ୟ କମ୍, ଯାହା ମୁଖ୍ୟତଃ ପଞ୍ଜାବର ଜଳନ୍ଧର ଓ ଉତ୍ତରପ୍ରଦେଶର ମିରଟରେ କେନ୍ଦ୍ରୀଭୂତ; ଏପରିକି ଆମ ଦେଶରେ ବ୍ୟବହୃତ ହେଉଥିବା ପ୍ରାୟ ସବୁ ପ୍ରକାରର କ୍ରୀଡ଼ା ସାମଗ୍ରୀର ଅଧିକାଂଶ ବାହାର ଦେଶରୁ ଆମଦାନି ହୋଇଥାଏ। ଅବଶ୍ୟ, ପ୍ରତ୍ୟେକ ବର୍ଷ ଭାରତୀୟ ଉଦ୍ୟୋଗର ବ୍ୟବସାୟରେ ଅଭିବୃଦ୍ଧି ହେଉଛି। ଉଦାହରଣ ସ୍ୱରୂପ, ଜିମ୍ନାସିଅମରେ ବ୍ୟବହୃତ ବ୍ୟାୟାମ ଉପକରଣ ଓ ଆଥ୍ଲେଟିକ ?ସରେ ବ୍ୟବହୃତ ହେଉଥିବା ଉପକରଣ ଯେମିତିକି ଜାଭେଲିନ, ସଟପୁଟ, ଡିସକସ ଇତ୍ୟାଦିର ଚାହିଦାରେ ଲଗାତାର ବୃଦ୍ଧି ଘଟୁଛି। ୨୦୧୪ ମସିହାରେ ଆମ ଦେଶ ୫.୪ ନିୟୁତ ଡଲାର (ସେତେବେଳର ୩୩ କୋଟି ଟଙ୍କା) ମୂଲ୍ୟର ସାମଗ୍ରୀ ରପ୍ତାନି କରିଥିବା ବେଳେ ୩୯ ନିୟୁତ ଡଲାର (ସେତେବେଳର ୨୩୮ କୋଟି ଟଙ୍କା) ମୂଲ୍ୟର ସାମଗ୍ରୀ ଆମଦାନି କରିଥିଲା। ୨୦୧୯ ମସିହାରେ ରପ୍ତାନି ଓ ଆମଦାନିର ମୂଲ୍ୟ ଥିଲା ଯଥାକ୍ରମେ ୧୧ ନିୟୁତ ଡଲାର (ସେତେବେଳର ୭୭୫ କୋଟି ଟଙ୍କା) ଓ ୧୩୨ ନିୟୁତ ଡଲାର (ସେତେବେଳର ୯୩୦ କୋଟି ଟଙ୍କା); ୨୦୨୪ ମସିହାରେ ଯାହା ହୋଇଥିଲା ୨୪ ନିୟୁତ ଡଲାର (ସେତେବେଳର ୨୦୧ କୋଟି ଟଙ୍କା) ଓ ୧୭୪ ନିୟୁତ ଡଲାର (ସେତେବେଳର ୧,୪୫୬ କୋଟି ଟଙ୍କା)। କହିବାର ତାତ୍ପର୍ଯ୍ୟ ହେଲା, ପ୍ରତ୍ୟେକ ବର୍ଷ ଦେଶ ଓ ବିଦେଶରେ ଏହାର ଚାହିଦା ବଢୁଛି, ମିରଟ ଓ ଜଳନ୍ଧରରେ ଥିବା ଉଦ୍ୟୋଗଗୁଡ଼ିକର ବ୍ୟବସାୟ ମଧ୍ୟ ତା' ସହିତ ବଢୁଛି। କିନ୍ତୁ ଆମଦାନିରେ ବୃଦ୍ଧି ଘଟୁଥିବା ଦୃଷ୍ଟିରୁ ହୃଦୟଙ୍ଗମ କରି ହୁଏ ଯେ ଦେଶର ଚାହିଦା ମେଣ୍ଟାଇବାକୁ ଆହୁରି ଅଧିକ ଉଦ୍ୟୋଗ ଓ ଉତ୍ପାଦନର ଆବଶ୍ୟକତା ରହିଛି। ଆଗାମୀ ଦଶନ୍ଧିରେ ଚାରିଟି ବୃହତ୍ କ୍ରୀଡ଼ା ସଂପର୍କିତ ଘଟଣା ଘଟିବାକୁ ଯାଉଛି; ୨୦୨୮ରେ ଆମେରିକାର ଲସ୍ ଏଞ୍ଜେଲ୍ସରେ ଅଲିମ୍ପିକ୍ସ, ୨୦୩୦ରେ ଗୁଜରାଟର ଅହମଦାବାଦରେ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା, ୨୦୩୨ରେ ଅଷ୍ଟ୍ରେଲିଆର ବ୍ରିସବେନରେ ଅଲିମ୍ପିକ୍ସ ଓ ୨୦୩୬ରେ ଅଲିମ୍ପିକ୍ସ, ଯାହା ଭାରତରେ ଅନୁଷ୍ଠିତ ହେବାର ସମ୍ଭାବନା ବହୁତ ଅଧିକ। ସେହି ଦୃଷ୍ଟିରୁ ଆମ ଦେଶର କ୍ରୀଡ଼ା ସାମଗ୍ରୀ ଉଦ୍ୟୋଗ ପାଇଁ ରପ୍ତାନି ଓ ଘରୋଇ ବିକ୍ରି ସକାଶେ ଯଥେଷ୍ଟ ସୁଯୋଗ ରହିଛି। 'ନିତି' ଆୟୋଗ ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଆଗାମୀ ଦଶ ବର୍ଷରେ ଆମ ଦେଶ ପାଇଁ ୮.୧ ବିଲିଅନ ଡଲାର ବା ୬.୭୨ ଲକ୍ଷ କୋଟି ଟଙ୍କା ମୂଲ୍ୟର କ୍ରୀଡ଼ା ସାମଗ୍ରୀର ରପ୍ତାନି ଏବଂ ତା'ର ଉତ୍ପାଦନ ସକାଶେ ୫୪ ଲକ୍ଷ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଛି। ସେହି ଦୃଷ୍ଟିରୁ ଜଳନ୍ଧର ଓ ମିରଟ ବାହାରେ ଅନେକ କ୍ରୀଡ଼ା ସାମଗ୍ରୀ ଉଦ୍ୟୋଗ ଗଢ଼ି ଉଠିବା ନିହାତି ଆବଶ୍ୟକ, ଯାହାର ସୁଯୋଗ ଆମ ରାଜ୍ୟ ମଧ୍ୟ ନେଇପାରେ। 'ନିତି' ଆୟୋଗ ଦ୍ୱାରା ନିକଟରେ ପ୍ରକାଶିତ ରିପୋର୍ଟରେ ଯେଉଁ ୯ଟି ରାଜ୍ୟ ପାଇଁ ସୁଯୋଗ ଥିବା ବିଷୟ ଉଲ୍ଲିଖିତ ହୋଇଛି, ତହିଁରେ ଆମ ରାଜ୍ୟର ନାମ ଅଛି। 'ନିତି' ଆୟୋଗର ତାଲିକାରେ ତାହା ୬ ନମ୍ବରରେ ସ୍ଥାନିତ ହୋଇଛି। ଇତିମଧ୍ୟରେ ଅନ୍ତର୍ଜାତୀୟ କ୍ରୀଡ଼ା ଟୁର୍ନାମେଣ୍ଟର ମାନଚିତ୍ରରେ ଓଡ଼ିଶାକୁ ଦେଖିବାକୁ ମିଳୁଛି, ଯେମିତି କି 'ଇଣ୍ଟରନେସନାଲ ହକି ଫେଡେରେସନ' ଦ୍ୱାରା ଆୟୋଜିତ ୨୦୧୮ ମସିହାର ୱାର୍ଲଡ ହକି ଲିଗ୍ ଓ ୨୦୨୩ର ହକି ୱାର୍ଲଡ କପ୍। ଶୁଣିବାକୁ ମିଳୁଛି ଯେ ୨୦୩୬ ମସିହାରେ ଯଦି ଭାରତରେ ଅଲିମ୍ପିକ୍ସର ଆୟୋଜନ କରାଯାଏ, ତେବେ ଭୁବନେଶ୍ୱର ହେବ ହକି ସ୍ପର୍ଦ୍ଧା ଲାଗି କ୍ରୀଡ଼ାଙ୍ଗନ। ଏଭଳି ସ୍ଥଳେ ଯଦି ଓଡ଼ିଶାରେ କ୍ରୀଡ଼ା ସାମଗ୍ରୀ ଉଦ୍ୟୋଗର ବିକାଶ ଘଟେ, ତେବେ ତାହା ଯେ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ, ତାହା କହିବା ବାହୁଲ୍ୟ ମାତ୍ର। ୨୦୨୪ ମସିହାରେ ଫ୍ରାନ୍ସର ପ୍ୟାରିସଠାରେ ଅନୁଷ୍ଠିତ ଅଲିମ୍ପିକ୍ସ ସମୟରେ ଫ୍ରାନସର ସ୍ଥାନୀୟ ଉଦ୍ୟୋଗୀଙ୍କୁ ୫ ବିଲିଅନ ୟୁରୋ (ସେତେବେଳର ୪୫,୨୮୦ କୋଟି ଟଙ୍କା) ମୂଲ୍ୟର ବ୍ୟବସାୟ ମିଳିଥିଲା, ତହିଁରୁ ୭୮% ଥିଲେ ସ୍ଥାନୀୟ ଲଘୁ ଓ ମଧ୍ୟମ ଉଦ୍ୟୋଗୀ। ପାଖାପାଖି ୨ ଲକ୍ଷ ସ୍ଥାନୀୟ ଲୋକ ଏଥିରେ ନିଯୁକ୍ତି ପାଇଥିଲେ। କେବଳ ସେତିକି ନୁହେଁ, ପୃଥିବୀର କ୍ରମବର୍ଦ୍ଧିଷ୍ଣୁ କ୍ରୀଡ଼ା ସାମଗ୍ରୀ ବଜାରର ଅଂଶ ହେବା ଲାଗି ଫ୍ରାନ୍ସରେ ସ୍ଥାୟୀ ଔଦ୍ୟୋଗିକ ଭିତ୍ତିଭୂମି ତିଆରି ହୋଇଗଲା। ସେହିପରି ୨୦୧୨ରେ ଲଣ୍ଡନରେ ଆୟୋଜିତ ଅଲିମ୍ପିକ୍ସ କାଳରେ ଯେଉଁ ସବୁ କମ୍ପାନି କ୍ରୀଡ଼ା ସାମଗ୍ରୀ ଯୋଗାଣ ଲାଗି ଚୁକ୍ତିବଦ୍ଧ ହୋଇଥିଲେ, ତହିଁରୁ ୯୮% ଥିଲେ ବ୍ରିଟିସ କମ୍ପାନି। କିନ୍ତୁ ଆମ ଦେଶରେ କିମ୍ବା ରାଜ୍ୟରେ ଯେଉଁ ସବୁ ଅନ୍ତର୍ଜାତୀୟ କ୍ରୀଡ଼ା ଅନୁଷ୍ଠିତ ହେଉଛି, ତାହିଁରେ ବ୍ୟବହୃତ ହେଉଥିବା ସାମଗ୍ରୀର ଯୋଗାଣ ପାଇଁ ଆମେ ବାହାର ଦେଶଗୁଡ଼ିକ ଉପରେ ହିଁ ନିର୍ଭର କରିଥାଉ। ତେଣୁ, ଆଗାମୀ ଦଶନ୍ଧିକୁ ଆଖିରେ ରଖି ଆମ ଦେଶ ଓ ଆମ ରାଜ୍ୟରେ କ୍ରୀଡ଼ା ସାମଗ୍ରୀ ଉତ୍ପାଦନ ବିଷୟରେ ଚିନ୍ତା କରାଯିବା ଆବଶ୍ୟକ। ଆମ ରାଜ୍ୟ ସକାଶେ କେଉଁ ପ୍ରକାର କ୍ରୀଡ଼ା ସାମଗ୍ରୀ ଉଦ୍ୟୋଗ ଅନୁକୂଳ, ସେ ବିଷୟ ଦେଖାଯାଉ। ସତ କହିଲେ, କ୍ରିକେଟ, ଟେବୁଲ ଟେନିସ, ବକ୍ସିଂ, ବିଭିନ୍ନ ବଲ୍ କ୍ରୀଡ଼ା ଓ ଆଥ୍ଲେଟିକ୍ସରେ ବ୍ୟବହୃତ ସାମଗ୍ରୀର ଉତ୍ପାଦନରେ ଆମ ରାଜ୍ୟ ଜଳନ୍ଧର କିମ୍ବା ମିରଟ ସହିତ ପ୍ରତିଯୋଗିତା କରିବା ସ୍ଥିତିରେ ନାହିଁ। ଏ ଦିଗରେ ଧ୍ୟାନ ଦେବା ଯଦିଓ ଉଚିତ, ତଥାପି ଜଳ କ୍ରୀଡ଼ା, ଗଲ୍ଫ, ସୁଟିଂ, ତୀରନ୍ଦାଜ, ସାଇକେଲିଂ, ସନ୍ତରଣ, ହକି ଭଳି ଖେଳ ଏବଂ ଷ୍ଟାଡିଅମରେ ବିଛା ହେଉଥିବା ସିନ୍ଥେଟିକ ଟର୍ଫ, ମ୍ୟାଟ୍ ବା ଫ୍ଲୋରିଂ ସାମଗ୍ରୀ ଇତ୍ୟାଦିରେ ଆମ ରାଜ୍ୟ ଲାଗି ଅଧିକ ସୁଯୋଗ ରହିଛି। କାରଣ, ମିରଟ କିମ୍ବା ଜଳନ୍ଧରରେ ଥିବା ଉଦ୍ୟୋଗ ସବୁ ଏ ଦିଗରେ ଏତେ ବିକଶିତ ନୁହନ୍ତି। ଉଲ୍ଲେଖ ଥାଉ କି ଏହି ସବୁ ସାମଗ୍ରୀ ଆଗାମୀ ୧୦ ବର୍ଷରେ ୨.୪ ବିଲିଅନ ଡଲାର ବା ୨୦,୦୦୦ କୋଟି ଟଙ୍କାର ରପ୍ତାନି ସୁଯୋଗ ରଖିଛି। ଯେହେତୁ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ଏଥିରେ ଇଚ୍ଛୁକ, ଆମ ରାଜ୍ୟ ଯଦି ଏ ଦିଗରେ ଶୀଘ୍ର ପଦକ୍ଷେପ ନିଏ, ତେବେ ଅନେକ ଲାଭ ପାଇପାରିବ। ରାଜ୍ୟରେ କ୍ରୀଡ଼ା ସାମଗ୍ରୀ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ପାଇଁ ଏକ ନିର୍ଦ୍ଦିଷ୍ଟ କ୍ଲଷ୍ଟର ଗଠନ କରାଯାଉ। ଚାଇନା ଓ ଅନ୍ୟ ଦେଶମାନଙ୍କ ସହ ପ୍ରତିଯୋଗିତା କରିବାକୁ ହେଲେ କମ୍ ମୂଲ୍ୟରେ ଭଲ କ୍ୱାଲିଟି ଦ୍ରବ୍ୟ ଯୋଗାଣ ଅତ୍ୟାବଶ୍ୟକ। ଯେହେତୁ କ୍ରୀଡ଼ା ସାମଗ୍ରୀ ତିଆରି କରିବା ପାଇଁ ବ୍ୟବହୃତ ମେସିନ ଏବଂ ଆବଶ୍ୟକ କଞ୍ଚାମାଲ ବର୍ତ୍ତମାନ ସୁଦ୍ଧା ଆମଦାନି କରାଯାଉଛି, ଆମଦାନି ଉପରେ ଲାଗୁଥିବା କଷ୍ଟମ୍ସ ଡ୍ୟୁଟି ଉପରେ ରାଜ୍ୟ ସରକାର କିଛି ପ୍ରୋତ୍ସାହନମୂଳକ ପଦକ୍ଷେପ ନେବା ଦରକାର। ବର୍ତ୍ତମାନ ଭାରତରେ ତିଆରି ହେଉଥିବା କ୍ରୀଡ଼ା ସାମଗ୍ରୀର ଟେଷ୍ଟିଙ୍ଗ ପାଇଁ ପ୍ରାୟତଃ ସେ ସବୁକୁ ବିଦେଶକୁ ପଠାଯାଉଛି। ଫଳତଃ ଏହାର ବିକ୍ରି ମୂଲ୍ୟ ବଢ଼ି ଯାଉଛି। ସେ ଦୃଷ୍ଟିରୁ ରାଜ୍ୟରେ ଟେଷ୍ଟିଙ୍ଗ ଭିତ୍ତିଭୂମିର ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏ ଦିଗରେ ସରକାରୀ ସବ୍‌ସିଡି ମିଳିବାର ପ୍ରାବଧାନ ରହିଲେ ଅନେକ ଉଦ୍ୟୋଗୀ ଏଥି ଲାଗି ଆଗ୍ରହୀ ହେବେ। ଆମ ରାଜ୍ୟର କ୍ରୀଡ଼ା ମନ୍ତ୍ରାଳୟ କେନ୍ଦ୍ର ସରକାରଙ୍କ ସହଯୋଗ କରି ଯଦି ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ା ସଂଗଠନ ସହ ଏ ଦିଗରେ ଯୋଗସୂତ୍ରରେ ରହିବ, ତେବେ, କ୍ରୀଡ଼ା ସାମଗ୍ରୀ ଯୋଗାଣ ସକାଶେ ପଥ ପ୍ରଶସ୍ତ ହୋଇଯିବ। ଉଦାହରଣ ସ୍ୱରୂପ, 'ଡେକାଥଲନ'ରେ ରଗ୍‌ବି ଖେଳ ପ୍ରତିଯୋଗିତାରେ ବ୍ୟବହାର ହେଉଥିବା ବଲ୍‌ର ୬୦% ଜଳନ୍ଧର ଯୋଗାଇଥାଏ। ଉଲ୍ଲେଖ ଥାଉକି ରଗ୍‌ବି ବଲ୍‌ର ଅନ୍ତର୍ଜାତୀୟ ବ୍ରାଣ୍ଡ୍ 'ଗିଲବର୍ଟ' ମୁଖ୍ୟତଃ ଜଳନ୍ଧରରୁ ହିଁ ତାହା କିଣିଥାଏ। ଏହା 'ବ୍ରାଣ୍ଡ୍ ଇଣ୍ଡିଆ'ର ଏକ ଜ୍ୱଳନ୍ତ ଉଦାହରଣ। ସେହିପରି ଫୁଟବଲ ଯୋଗାଣରେ ପାକିସ୍ତାନର ସିଆଲକୋଟର ପରିଚିତି ରହିଛି। କହିବାର ଉଦ୍ଦେଶ୍ୟ ହେଲା ଉତ୍କୃଷ୍ଟ ମାନର ଦ୍ରବ୍ୟ ତିଆରି କରାଯାଇ ଯଦି ଉପଯୁକ୍ତ ମାର୍ଗରେ ବିପଣନ କରାଯାଏ, ତେବେ ବଜାର ସୃଷ୍ଟିରେ ଅସୁବିଧା ରହିବ ନାହିଁ। ତେବେ, କଥା ହେଲା, ରାଜ୍ୟ ସରକାର ଏ ଦିଗରେ ସଚେତନ ହୋଇ, ନିର୍ଦ୍ଦିଷ୍ଟ ନୀତି ପ୍ରଣୟନ କରି ଏହି ଉଦ୍ୟୋଗର ବିକାଶରେ ଆଗ୍ରହ ଦେଖାଇବା ଜରୁରି।

(ମତାମତ ଲେଖକଙ୍କ ନିଜସ୍ୱ)

ମୋ: ୯୭୯୧୧୨୧୦୬୮

# କଳିଯୁଗର ଜଣେ ଭଲ ମଣିଷ

ସବୁ ଚଳଣି ବହିରୁ ଶିଖିବାକୁ ହୋଇନଥାଏ, କିଛି କିଛି ଚଳଣି ମୌଳିକ ଭାବନାରୁ ଶିଖିବାକୁ ହୋଇଥାଏ । ମୌଳିକ ଭାବନା ରହିଲେ ଆମେ ବୁଝିବା ଯେ ସଂସ୍କାରରୁ ଆସିଥାଏ, ବିଶେଷତଃ ପରିବାରର ସଂସ୍କାରରୁ ଆସିଥାଏ । ଏହି ପରିପ୍ରେକ୍ଷୀରେ କେତେଗୋଟି କଥା ଉଦାହରଣ ରୂପେ କୁହାଯାଇପାରେ । ଏଇ ଯେମିତି ଟ୍ରେନରେ ଯାତ୍ରା କଲାବେଳେ ଅଥବା ବସ୍‌ରେ ଯାତ୍ରା କଲାବେଳେ ଚିନାବାଦାମ ଖାଇ ଚୋପାକୁ ସେଇ ଟ୍ରେନ ବା ବସ୍ ?ର ଚଟାଣରେ ପକାଇବା ଅର୍ଥ ସଂସ୍କାରର ଅଭାବ । ଚୋପା ସେଠାରେ ନପକାଇବା ପାଇଁ ବାରଣ କରିବା ନିମନ୍ତେ ସର୍ବଦା ପୋଲିସ ପହରା ଆଦୌ ସମ୍ଭବ ନୁହେଁ । ଏଥିପାଇଁ ଆବଶ୍ୟକ ନୈତିକ ମୂଲ୍ୟବୋଧ, ଯାହା ମାନବିକତାର ବିଶେଷ ଭାବରେ ଅନ୍ତର୍ଭୁକ୍ତ । ଆଉ ଏକ କଥା ଉଦାହରଣ ରୂପରେ କୁହାଯାଇପାରେ । ଗହଳି ଯୋଗୁଁ ଟ୍ରାଫିକ ପ୍ରବଳ ହୋଇଥିଲାବେଳେ ଟ୍ରାଫିକ ନଛାଡ଼ିଲା ଯାଏଁ କେହି ଆଗକୁ ଯିବା ସମ୍ଭବ ନୁହେଁ । ଏକଥା ଜାଣି ମଧ୍ୟ ଜଣେ ଜଣେ ପଛରେ ଥାଇ ଗହଳି ଭିତରେ ବାରମ୍ବାର ନିଜ ଗାଡ଼ିର ହର୍ଣ୍ଣ ବଜାଇବା କେଉଁ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯିବ, ତାହା ମଧ୍ୟ ବିଚାର କରିବାର କଥା । ଘରର ଅଳିଆ ନେବାପାଇଁ ଆଜିକାଲି ଅଳିଆ ଗାଡ଼ିର ସୁବିଧା ହେଲାଣି । ତାହା ସତ୍ତ୍ୱେ ଯଦି କେହି ନିଜ ଗେଟ୍ ପାଖରେ ରାସ୍ତାକଡ଼ରେ ଅଇଁଠା ଭାତ ତୋରାଣି ପକାଏ ଏବଂ ଘରର କେତେ ଅଳିଆ ପକାଏ, ଆଉ ବାହାରେ ରାସ୍ତା ଉପରେ ଅଳିଆ ନପକାଇବାକୁ କହିଲେ ଯଦି ଉତ୍ତର ମିଳେ 'ମୋ ଅଳିଆ ଯଦି ମୁଁ ମୋ ଗେଟ୍ କଡ଼ରେ ପକାଇଲି ତେବେ କ'ଣ ଅସୁବିଧା ହେଉଛି ?' ଏମାନେ କେଉଁ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ତାହା ବିଚାର କରିବାର କଥା । ବର୍ଷାବେଳେ ଗହଳିରେ ପାଖରେ ଛତାଥିବା ଲୋକେ ଛତା ବ୍ୟବହାର କରିବା ଯୁକ୍ତିଯୁକ୍ତ । ଏହାର ଅର୍ଥ ନୁହେଁ ଯେ, ସେହି ଛତା ଅନ୍ୟର ଆଖିରେ କାନରେ ବାଜିବା ନିହାତି ଦରକାର । ଏଥିପ୍ରତି ସତର୍କ ରହିବା ଏକାନ୍ତ ଆବଶ୍ୟକ, ଏତିକି ସଂସ୍କାର ନଥିବା ଲୋକମାନେ କେଉଁ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ତାହା ଭାବିବାର କଥା । ସମସ୍ତେ ଚାଲୁଥିବା ବାଟରେ କଣ୍ଟା ଓ କାଚ ପଡ଼ିଥିବାର ଦେଖି ତାକୁ କେହି ପ୍ରାୟ କାଢ଼ି ଦୂରକୁ ଫିଙ୍ଗିଦିଅନ୍ତି, ଯାହା ଦୂରକୁ ଅର୍ଥାତ୍ ଯଥାସ୍ଥାନରେ ଦୃଷ୍ଟି ପଡ଼ିଲାମାତ୍ରେ ନେଇ ପକାଇଦେବା ଦରକାର । ଏହା ଯଦି ଜଣେ ନକରେ ତେବେ ତାଙ୍କୁ କ'ଣ ବୋଲି କୁହାଯାଇପାରିବ, ତାହା ହିଁ ବିଚାର କରିବାର କଥା । ଜଣକ ଠାରୁ କିଛି କଥା ଶୁଣି ସେଇ କଥାକୁ ରଙ୍ଗେଇ ମଜେଇ ଅନ୍ୟ ଜଣକୁ କହିବାର ଅଭ୍ୟାସ କିଛି ଲୋକଙ୍କର ଥାଏ, ତାହାଦ୍ୱାରା ଗୁଜବ ବଢ଼େ, ପୁଣି କେତେକ କ୍ଷେତ୍ରରେ ବିଶ୍ୱାସରେ କହିଥିବା ଲୋକ ପ୍ରତି ବିଶ୍ୱାସଘାତକତା ହୁଏ । ଏହି ପ୍ରକାର ଲୋକଙ୍କୁ କେଉଁ ପର୍ଯ୍ୟାୟର ଅନ୍ତର୍ଗତ କରାଯିବ ? ଆଜିକାଲି ଏ.ଆଇ.ର ଯୁଗ । ଏତେବେଳେ ଗୁଣିଗାରେଡିକୁ ତଥାପି କିଛି ଲୋକ ଏତେ ବିଶ୍ୱାସ କରନ୍ତି ଯେ, ସେମାନେ ଭାବନ୍ତି ଗୁଣିଗାରେଡ଼ି ଦ୍ୱାରା ଅସମ୍ଭବ ହୋଇଯିବ ସମ୍ଭବ । ଗୁଣିଗାରେଡ଼ି ମଣିଷକୁ ଧନୀ କରାଇଦେବ, ଶତ୍ରୁ ଦମନ କରାଇଦେବ, ଅନ୍ୟର ସର୍ବନାଶ କରାଇଦେବ, ଅନ୍ୟର ବେପାର ବ୍ୟବସାୟକୁ କ୍ଷତିଗ୍ରସ୍ତ କରାଇଦେବ ଇତ୍ୟାଦି ଭାବନା ଓ ବିଶ୍ୱାସରେ ବହୁ ମଣିଷ ରହିଛନ୍ତି । ଏହା ଶତପ୍ରତିଶତ ଠିକ୍ ନୁହେଁ । ଗ୍ରହ ନକ୍ଷତ୍ରର ପ୍ରଭାବ ମଣିଷ ଉପରେ ରହିଛି, ଯାହାକୁ ଜ୍ୟୋତିଷ ବିଦ୍ୟା କୁହାଯାଏ । ଜ୍ୟୋତିଷ ବିଦ୍ୟା ଓ ଗୁଣିଗାରେଡ଼ି ଏକା କଥା ନୁହେଁ, ଅଲଗା କଥା । ଭୂତପ୍ରେତ ଗ୍ରାସିଛି ବୋଲି କହି ଜଣେ ଜଣକୁ ଜୀବନରେ ମାରିଦେବାର ଘଟଣା ଘଟାଉଥିବା ଲୋକମାନେ କେଉଁ ପର୍ଯ୍ୟାୟର ଅନ୍ତର୍ଭୁକ୍ତ ତାହା ଭାବିବାର କଥା । କର, କୋଷ୍ଠି ଓ କପାଳର ତର୍ଜମା କେତେକାଂଶରେ ଠିକ୍ ହୋଇପାରେ, ମାତ୍ର ସେଥିପାଇଁ ଗଣକଙ୍କର ଯଥାର୍ଥ ସାଧନା ଥିବା ଦରକାର । ଏଇ ସାଧନା ସହିତ ଗୁଣିଗାରେଡ଼ିର କୌଣସି ସଂପର୍କ ନାହିଁ । ଭଗବାନଙ୍କ କୃପା ସମସ୍ତଙ୍କ ପାଇଁ ରହିଛି । କିଏ ନିଜର ବିଶ୍ୱାସ, ଭକ୍ତି ଓ ଶ୍ରଦ୍ଧା ମାଧ୍ୟମରେ ସେ କୃପା କେତେ ଅନୁଭବ କରିଛନ୍ତି ତାହା ଭିନ୍ନ କଥା । ତେବେ ସେ କଥାକୁ ମର୍ମେ ମର୍ମେ ଉପଲବ୍ଧି କରି ଭଗବାନଙ୍କ ନିକଟରେ କୃତଜ୍ଞତା ଜଣାଇବା ଏକାନ୍ତ ଆବଶ୍ୟକ । ତେବେ ସେଇ ବ୍ୟକ୍ତିଗତ ଅନୁଭୂତିକୁ ବୁଲିବୁଲି କହିବା, ଡିଟିପି କରି ବାଣ୍ଟିବା କେତେଦୂର ଯଥାର୍ଥ ତାହା ବିଚାର୍ଯ୍ୟର ବିଷୟ । ଘରେ ପୁଅଟିଏ ଅଛି, ଝିଅଟିଏ ଅଛି । ପୁଅ ପାଇଁ କି ସ୍ୱତନ୍ତ୍ର ବ୍ୟବହାର, ଝିଅଟି ପାଇଁ ସ୍ୱତନ୍ତ୍ର ବ୍ୟବହାର କେତେ ଅଯଥାର୍ଥ, କେତେ ଅନ୍ୟାୟ, ତାହା ଭାବିବାର କଥା । ଆଜିକାଲି ଏତେ ପ୍ରଗତିଶୀଳ ସମୟରେ ମଧ୍ୟ ଏପରି ପକ୍ଷପାତିତା କେତେ ନିନ୍ଦନୀୟ ତାହା ଭାବନାର ବିଷୟ, ଯେଉଁମାନେ ଏପରି କରିଥାନ୍ତି, ସେମାନଙ୍କୁ କ'ଣ କୁହାଯିବ ଭାବି ହେଉନାହିଁ । ଛୋଟ ପିଲାମାନେ ସାଙ୍ଗ ହୋଇ ବାହାରେ ଖେଳିଲାବେଳେ ପରସ୍ପର ଭିତରେ ଟିକିଏ ଟିକିଏ କଳିକଜିଆ ଲାଗନ୍ତି, ଚୁମୁଟା ଚୁମୁଟି ହୁଅନ୍ତି । ଏ କଥାକୁ ନେଇ ସେଇ ସେଇ ପିଲାମାନଙ୍କର ଅଭିଭାବକ ତଥା ପିତାମାତାଙ୍କ ଭିତରେ କଳି ଲାଗିବା କେତେ ଅଯୁକ୍ତିକର, କେତେ ଅବାସ୍ତବ, ତାହା ବିଚାର୍ଯ୍ୟର ବିଷୟ। ଯେଉଁମାନେ ଏପରି କଳିକଜିଆ କରନ୍ତି ସେମାନଙ୍କୁ କ'ଣ ବା କୁହାଯିବ ଭାବି ହେଉନାହିଁ। ପିଲାମାନଙ୍କ ପାଇଁ ସମୟ ନଦେଇ ସେମାନଙ୍କଠାରୁ ଭଲ କଥା ଆଶା କରିବା ବୃଥା । ସେମାନଙ୍କୁ କେତେ ଭଲ ଭଲ କଥା ବୁଝାଇବା ଦରକାର, କେତେ ଭଲ ଭଲ କଥା ବତାଇବା ଦରକାର । କିଛି ନବୁଝାଇ, କିଛି ନବତାଇ କେବଳ ଗାଳିଦେବା କେତେ ଭୁଲ୍ କଥା, ତାହା ବିଚାର୍ଯ୍ୟ ବିଷୟ । ଯେଉଁ ପିତାମାତା ଓ ଅଭିଭାବକମାନେ ଏପରି କରୁଥାନ୍ତି, ସେମାନଙ୍କୁ କ'ଣ ବା କୁହାଯିବ ତାହା ବୁଝି ହେଉନାହିଁ । ଅନ୍ୟର ଅସୁସ୍ଥତା କଥା ଶୁଣି ନିଜେ ଡାକ୍ତର ନହୋଇ ତାଙ୍କୁ ଔଷଧ ବତାଇବା ଅର୍ଥ, ଅନ୍ୟର କ୍ଷତି କରିବା । ସବୁ ଔଷଧ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ, ଏକଥା ଜାଣିବା ଦରକାର । ଡାକ୍ତର ନହୋଇ ଡାକ୍ତରୀ ବିଦ୍ୟାକୁ ବ୍ୟବହାର କରିବା କେତେ ହାସ୍ୟାସ୍ପଦ କଥା, ତାହା ଭାବିବାର ବିଷୟ । ଶେଷରେ ମନେପଡ଼େ ଗୋଟିଏ କଥା । ଥରେ ଜଣେ ବିଶିଷ୍ଟ ବ୍ୟକ୍ତି ସ୍ୱାମୀ ବିବେକାନନ୍ଦଙ୍କୁ ପଚାରିଲେକଳିଯୁଗରେ କାହାକୁ ଭଲ ମଣିଷ ବୋଲି କହିବା ? ଉତରରେ ସ୍ୱାମୀ ବିବେକାନନ୍ଦ କହିଲେ- ଯିଏ ଅନ୍ୟର ଉପକାର କରିନପାରିଲେ ମଧ୍ୟ ଅପକାର କରେନାହିଁ, ଅନ୍ୟର ଲାଭ ନକଲେ ମଧ୍ୟ କ୍ଷତି କରେନାହିଁ, ସେ ହିଁ ଆପାତତଃ କଳିଯୁଗରେ ଜଣେ ଭଲ ମଣିଷ ।

# ସଂଗଠିତ ଛଳନାର ସଂସ୍କୃତି

"ସାର୍ବଜନୀନ ଭାଷଣର ପ୍ରକୃତ ମଜା ସେତେବେଳେ ଆସେ ଯେତେବେଳେ ଶ୍ରୋତାମାନେ ଜାଣିପାରନ୍ତି ଯେ ବକ୍ତାଟି ଅର୍ଥହୀନ କଥା କହୁଛନ୍ତି, ଏବଂ ବକ୍ତା ନିଜେ ମଧ୍ୟ ସଚେତନ ଯେ ସେ ଭିତ୍ତିହୀନ କଥା କହୁଛନ୍ତି।" ଏହି ପ୍ରସିଦ୍ଧ ଧାଡ଼ିଟି ଶ୍ରୀଲାଲ ଶୁକ୍ଳଙ୍କ ଦ୍ୱାରା ଲିଖିତ 'ରାଗ ଦରବାରୀ' ନାମକ ଉପନ୍ୟାସର। ଏହା ଏମିତି ଏକ ପରିସ୍ଥିତିକୁ ବୁଝାଏ ଯେଉଁଠାରେ ସମସ୍ତେ ବାସ୍ତବତା କ'ଣ ଜାଣନ୍ତି, କିନ୍ତୁ ସାମୂହିକ ଭାବେ ଛଳନା କରି ପରିସ୍ଥିତିକୁ ପରିବର୍ତ୍ତନ କରିବା ପରିବର୍ତ୍ତେ ଉପଭୋଗ କରି ଚାଲିଥାନ୍ତି। ସମ୍ଭବତଃ ଆମ ସାମାଜିକ ଓ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଏପରି ଏକ ପର୍ଯ୍ୟାୟରେ ପ୍ରବେଶ କରିସାରିଛି, ଯେଉଁଠାରେ ସତ କ'ଣ ଆମେ ଜାଣିଛୁ। କିନ୍ତୁ ବିଡ଼ମ୍ବନା ଯେ ଏହାକୁ ସାର୍ବଜନୀନ ଭାବରେ ଅଣଦେଖା କରାଯାଉଛି। ଶାସକ ଓ ପ୍ରଶାସକମାନେ ଜାଣନ୍ତି ଯେ ସେମାନେ ନାଗରିକଙ୍କୁ ଭ୍ରମିତ କରୁଛନ୍ତି। ଏପଟେ ଆମେ ସାଧାରଣ ନାଗରିକମାନେ ଭଲଭାବରେ ଜାଣୁ ଯେ ଆମେ ଭ୍ରମିତ ହେଉଛୁ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ ଏହି ସୁପରିକଳ୍ପିତ ଚକ୍ରରେ ଆମେ ସମସ୍ତେ ଜଣେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇସାରିଛୁ। ପ୍ରାୟ ଅଧିକାଂଶ ପ୍ରଶାସନ, ଶାସନ ଓ ସାଙ୍ଗଠନିକ ବ୍ୟବସ୍ଥା ଭିତରେ ଏମିତି ଚକ୍ର ଅଛି। ଅନେକ ଏହାକୁ ସଂଗଠିତ ଛଳନା ବା 'ଅର୍ଗାନାଇଜ୍‌ଡ ହିପୋକ୍ରେସି' ବୋଲି କୁହନ୍ତି। ଉଦାହରଣ ସ୍ୱରୂପ, ବିଦ୍ୟାଳୟ ପାଠ୍ୟପୁସ୍ତକରେ ମାଳ ମାଳ ତ୍ରୁଟି ହେଉ ବା ଭତ୍ତାରେ ବିଳମ୍ବ ହେଉ, ଉଭୟ କ୍ଷେତ୍ରରେ କର୍ତ୍ତୃପକ୍ଷ ଏପରି ସ୍ପଷ୍ଟୀକରଣ ଦେଇଥିଲେ ଯାହା ସ୍ପଷ୍ଟ ଭାବରେ ସନ୍ତୋଷଜନକ ନଥିଲା। ଏହା ସତ୍ତ୍ୱେ ଜନସାଧାରଣ ଓ କର୍ତ୍ତୃପକ୍ଷ ଉଭୟଙ୍କ ଦ୍ୱାରା ତାହା ଗ୍ରହଣୀୟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଏକ ସାମାଜିକ ପରୀକ୍ଷଣ କଥା ଆଲୋଚନା କରିବା। କିଛି ବ୍ୟକ୍ତିଙ୍କୁ ସରଳ ପ୍ରଶ୍ନ ଦିଆଯାଇଥିଲା ଯାହାର ଉତର ସେମାନେ ଜାଣିଥିଲେ। କିନ୍ତୁ ସେହି ପରୀକ୍ଷଣରେ ସାମିଲ ହୋଇଥିବା ଅଧିକାଂଶ ଅଂଶ ଗ୍ରହଣକାରୀ ଜାଣିଶୁଣି ଭୁଲ୍ ଉତ୍ତର ଦେଲେ। ଏହା ଦେଖି ଠିକ୍ ଉତର ଜାଣିଥିବା ବ୍ୟକ୍ତିମାନେ ମଧ୍ୟ ଭୁଲ୍ ଉତର ଦେଲେ। ଏହାର କାରଣ ଥିଲା ଯେ ପରୀକ୍ଷଣରେ ସାମିଲ ଥିବା ବ୍ୟକ୍ତି ସଂଖ୍ୟାଗରିଷ୍ଠ ଗୋଷ୍ଠୀର ବିରୋଧୀ ହେବା ଓ ମତଭେଦକୁ ଏଡ଼ାଇବାକୁ ପସନ୍ଦ କଲେ। କିନ୍ତୁ ଜାଣି ରଖନ୍ତୁ, ଏହିପରି ଅଭ୍ୟାସ ପ୍ରଥମେ ଏକ ଆପୋସ ବୁଝାମଣା ଭଳି ଲାଗେ। କିନ୍ତୁ ଧୀରେ ଧୀରେ ଏହା ପାରସ୍ପରିକ ଅବିଶ୍ୱାସ ଆଡ଼କୁ ଗତି କରିଥାଏ। ସଂଗଠିତ ଛଳନା ଦ୍ୱାରା ସମାଜ ଉପରେ ଗଭୀର ପ୍ରଭାବ ପଡ଼ିଥାଏ। ଏହାର ତିନିଟି ଦୃଷ୍ଟିକୋଣ ଅଛି। ସାମାଜିକ ପ୍ରଭାବ ଅନୁଯାୟୀ ସାଧାରଣ ଲୋକଙ୍କ ବିଶ୍ୱାସ ହ୍ରାସ ପାଏ। ଫଳସ୍ୱରୂପ ରାଜନୈତିକ ଉଦାସୀନତା ଓ ନିମ୍ନ ଆଶାର ଏକ ସଂସ୍କୃତି ସୃଷ୍ଟି ହୁଏ। ଅନ୍ୟ ପଟେ ପ୍ରଶାସନିକ ଜୀବନରେ, ଏହି ସଂଗଠିତ କପଟାଚରଣ ଦ୍ୱାରା ଉତ୍ତରଦାୟିତ୍ୱ ଦୁର୍ବଳ ହୁଏ। ଅଧିକାରୀମାନେ ସମସ୍ୟା ସମାଧାନ କରିବା ପରିବର୍ତ୍ତେ ଲୋକଦେଖାଣିଆ ପରିଚାଳନା କରିବାରେ ଅଧିକ ଲିପ୍ତ ରୁହନ୍ତି। ନିୟମ ସବୁ କାଗଜରେ ସୀମିତ ରହିଯାଏ। ସାମୂହିକ ଛଳନାର ଯଦି ନିୟମିତ ହୁଏ ତେବେ ଅନେକ ଶାସନ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୁଏ। ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ ଯେ ଆମ ନିରବତା ଯୋଗୁଁ ଏସବୁ ହେଉଛି କି ? ଯଦି ହଁ, ତା'ହେଲେ ଆମେ କାହିଁକି ନିରବ ରହୁଛେ ? ଭୟ ହେଉଛି ଏହାର ପ୍ରମୁଖ କାରଣ। ଭୟର ଭୂମିକା ଏଠାରେ ଦୁଇ ପ୍ରକାରର। ପ୍ରଥମଟି ହେଉଛି ଭୟ ଯୋଗୁଁ ନିରବତା। ଦଣ୍ଡ, ପ୍ରତ୍ୟାଖାନ, ଚାପ, ଉପହାସ କିମ୍ବା ସୁଯୋଗ ହରାଇବାର ଭୟ ଯୋଗୁଁ ଲୋକେ ନିରବ ରହିବାକୁ ପସନ୍ଦ କରନ୍ତି। ଏହା ନିରବତାର ଚକ୍ର ଭାବେ ବେଶ୍ ଜଣାଶୁଣା। ଦ୍ୱିତୀୟଟି ହେଉଛି ନିରବତାଜନିତ ଭୟ। ଏହାର ଅର୍ଥ ହେଲା ଯେହେତୁ ଚାରିପାଖରେ ସମସ୍ତେ ନିରବ ରହୁଛନ୍ତି, ତେଣୁ ବ୍ୟକ୍ତିଟିଏ ଭାବେ ଯେ ବ୍ୟବସ୍ଥାଟି ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଯାଇଛି। ସେଥିପାଇଁ ଏହାକୁ ପ୍ରଶ୍ନ କରିବା ହିଁ ଏକ ପ୍ରକାର ବିପଦ। ଯଦି କର୍ତ୍ତୃପକ୍ଷ ଓ ଜନସାଧାରଣ ଛଳନାକୁ ନେଇ ସହନଶୀଳ ହେବେ, ଭବିଷ୍ୟତରେ ଏହା ଏକ ଭିନ୍ନ ବ୍ୟବସ୍ଥା ସୃଷ୍ଟି କରିବ। ଗୋଟିଏ ପଟେ ଶାସନ ବ୍ୟବସ୍ଥା କଠୋର ଅନୁଶାସନର ଏକ ଛବି ବଜାୟ ରଖିବାକୁ ଚେଷ୍ଟା କରିବ। କିନ୍ତୁ ଅନ୍ୟପଟେ ନାଗରିକମାନେ ଏହି ବ୍ୟବସ୍ଥାଗୁଡ଼ିକର ଗଳାବାଟ ପାଇଁ ଉପାୟ ଖୋଜିବେ। ସବୁ କଥା ଜାଣି ମଧ୍ୟ କେହି ଖୋଲାଖୋଲି ଭାବରେ ଏହି ପରିସ୍ଥିତିକୁ ବିରୋଧ କରିବେ ନାହିଁ। କାରଣ କଙ୍କଡ଼ାକୁ ଗୋଳି ପାଣି ପରି ଏହି ବ୍ୟବସ୍ଥା ଉଭୟ ପକ୍ଷକୁ ଦ୍ୱନ୍ଦ୍ୱ ଏଡ଼ାଇବା ଓ କାର୍ଯ୍ୟ ଜାରି ରଖିବାରେ ସାହାଯ୍ୟ କରିବ। ସମାଜବିଜ୍ଞାନୀଙ୍କ ମତରେ ଯଦି ଦୀର୍ଘ ସମୟ ଧରି ଏଭଳି ସାମାଜିକ ପରିସ୍ଥିତି ରହିବ ତେବେ ପାରସ୍ପରିକ ବିନାଶର 'ନାସ୍ ଇକ୍ୱିଲିବ୍ରିଅମ' ନାମକ ଅବସ୍ଥା ସୃଷ୍ଟି ହୋଇପାରେ। ଏହି ସ୍ଥିତିରେ ପ୍ରତାରଣା ଉଭୟ ପକ୍ଷ ପାଇଁ ଏକ ରଣନୀତି ହୋଇଯାଏ। ପରିଶେଷରେ ଏହି ଆଲୋଚନାକୁ ନେଇ ଚାରିଟି କାଳ୍ପନିକ ସମ୍ଭାବନା ସୃଷ୍ଟି ହୋଇପାରେ। ଧରନ୍ତୁ, ଜନସାଧାରଣ ସହଯୋଗ କଲେ କିନ୍ତୁ ପ୍ରଶାସନ ଠକିବା ଆରମ୍ଭ କରିବ, ତେବେ କ'ଣ ହେବ ? ଏହା ଦ୍ୱାରା ଏକ ଶୋଷଣକାରୀ ଓ ଅତ୍ୟାଚାରୀ ଶାସନ ବ୍ୟବସ୍ଥା ସୃଷ୍ଟି ହେବାର ଆଶଙ୍କା ବଢ଼ିଯାଏ। ଦ୍ୱିତୀୟରେ ଯଦି ଜନସାଧାରଣ ଠକିଲେ କିନ୍ତୁ ପ୍ରଶାସନ ସହଯୋଗ କରିବ ତେବେ ଅସନ୍ତୁଷ୍ଟ ନାଗରିକମାନଙ୍କୁ ପାଣ୍ଠି ଯୋଗାଇବାକୁ ଯାଇ ରାଷ୍ଟ୍ର ଦେବାଳିଆ ହୋଇଯିବ ଏବଂ ମାଗଣାଖୋର ସଙ୍କଟ ଦେଖାଦେବ। ତୃତୀୟ ପରିଣାମ କଥା ଚିନ୍ତା କରନ୍ତୁ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003







# ରେଙ୍ଗାଲିରେ ଆନ୍ତର୍ଜାତିକ ଫାର୍ମାସିଷ୍ଟ ଦିବସ ପାଳିତ



ସମ୍ବଲପୁର,୨୬/୯(ନି/ପ୍ର): ରେଙ୍ଗାଲି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆନ୍ତର୍ଜାତିକ ଫାର୍ମାସିଷ୍ଟ ଦିବସ ସରକାରୀ ଡାକ୍ତର ଅଲିଭ ପଟ୍ଟନାୟକଙ୍କ ସଭାପତିତ୍ୱରେ ପାଳିତ ହୋଇଛି ଓ ଏଥିରେ ସମ୍ବଲପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘର ସଭାପତି ଅନ୍ତର୍ଯ୍ୟାମୀ ପାଣି, ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ରେଙ୍ଗାଲି ବରିଷ୍ଠ ନାଗରିକ ପରିଷଦ ଉପସଭାପତି ଶଶୀଭୁଷଣ ସାହୁ ଅଂଶ ଗ୍ରହଣ କରିଥିଲେ। ରେଙ୍ଗାଲି ସ୍ୱାସ୍ଥ୍ୟ କେନ୍ଦ୍ର ଫାର୍ମାସିଷ୍ଟ ସୁରେନ୍ଦ୍ର ବେହେରାଙ୍କୁ ପୁଷ୍ପ ଗୁଚ୍ଛ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ବକ୍ତାମାନେ ସ୍ୱାସ୍ଥ୍ୟ ସେବାରେ ଫାର୍ମାସିଷ୍ଟ ମାନଙ୍କର ରୋଗୀଙ୍କ ଔଷଧ ବ୍ୟବହାରର ପରାମର୍ଶ, ଏବଂ ଚିକିତ୍ସା କ୍ଷେତ୍ର ଗୁରତ୍ୱ ପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ସୁବନ ଚାନ୍ଦ ସାହୁ, ପ୍ରଫୁଲ୍ଲ ସାହୁ, ଗୋବର୍ଦ୍ଧନ ବାରିକ, ଶ୍ରୀପତି ଷଣ୍ଢ, ବିରଚିଂ ବିଶ୍ୱାଳ, ରାଧେଶ୍ୟାମ ବାଗ, କୃଷ୍ଣ ଚନ୍ଦ୍ର ମେହେର, ଧବଳେଶ୍ୱର ମହାନ, ସ୍ୱାସ୍ଥ୍ୟସେବୀ ଶିବାନୀ ପଣ୍ଡା, ନମିତା ସାହୁ ଦେବରାଜ ଭୋଇ, ପ୍ରେମଲତା ସେଠି,କ୍ଷିତୀଶ ବାଗ, ସଞ୍ଜୟ ସାହୁ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।ଶେଷରେ ଫାର୍ମାସିଷ୍ଟ ପ୍ରୀତମୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ସିମ୍ ରାକେଟ୍‌ର ପର୍ଦ୍ଦାଫାସ୍ :

## ଜାମତାରା ଗ୍ୟାଙ୍ଗ୍ ହାତରେ ୨୦୦ ଆକ୍ଟିଭ୍ ସିମ୍, ମହିଳାଙ୍କ ସମେତ ୩ ଗିରଫ



ସମ୍ବଲପୁର,୨୬/୯(ନି/ପ୍ର):ଗ୍ରାହକଙ୍କ ଅଜାଣତରେ ସେମାନଙ୍କ କେୱାଇସି ଡକ୍ୟୁମେଟଂବ୍ୟବହାର କରି ଆକ୍ଟିଭ୍ କରୁଥିଲେ ଏକାଧିକ ସିମ୍ କାର୍ଡ । ଗ୍ରାହକଙ୍କୁ ଗୋଟିଏ ସିମ୍ ଦେଇ ଅନ୍ୟଗୁଡ଼ିକ ସାଇବର୍ ଠକଙ୍କୁ ଯୋଗାଉଥିଲେ । ଏହି ସିମ୍ ମାଧ୍ୟମରେ ଚାଲିଥିଲା ସାଇବର ଅପରାଧ । ସମ୍ବଲପୁରରୁ ଝାଡ଼ଖଣ୍ଡ ଜାମତାରା ପର୍ଯ୍ୟନ୍ତ ଲମ୍ବିଛି ଏହି ରାକେଟ୍‌ର ଚେର । ସମ୍ବଲପୁର ସାଇବର୍ ଓ ଅର୍ଥନୈତିକ ଅପରାଧ ଶାଖା ପୁଲିସ୍ ଜଣେ ମହିଳାଙ୍କ ସମେତ ୩ ଜଣ ସିମ୍ ବିକ୍ରେତାଙ୍କୁ ଗିରଫ କରିବା ପରେ ଘଟଣାରୁ ପର୍ଦ୍ଦା ହଟିଛି । ଅଭିଯୁକ୍ତମାନେ ଧମା ଥାନା ପାଟଂପୁଟ୍ ଗ୍ରାମର ସୂରଜ ବାଗ (୨୪), ହୀରାକୁଦ ଥାନା ସିଂହପାଲିର ମାଳତୀ ଓରାମ ଓରଫ ମାଲା (୨୯) ଏବଂ ଧନୁପାଲି ଥାନା ମୋତିଝରଣ ଅଂଚଳର ଶେଖ୍ ପରଭେଜ୍ (୩୨) । ଏମାନଙ୍କ ଠାରୁ ଶତାଧିକ ବ୍ଲାଙ୍କ୍ ସିମ୍ କାର୍ଡ୍, ଫୋନ୍-ପେ' କ୍ୟୁଆର୍ କୋଡ୍, ବ୍ୟାଙ୍କ୍ ଖାତା, ଏକାଧିକ ମୋବାଇଲ୍ ଓ ଅନ୍ୟ ସାମଗ୍ରୀ ଜବତ ହୋଇଛି । ସାଇବର୍ ଡିଏସ୍ପି ଈଶ୍ୱର ତାଣ୍ଡି କହିଛନ୍ତି, ଅଭିଯୁକ୍ତମାନେ ସିମ୍ ଆକ୍ଟିଭେସନ୍ ଏଜେଂଟ ଭାବେ କାମ କରୁଥିଲେ । ସହର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ଅସ୍ଥାୟୀ 'ପଏଂଟଅଫ୍ ସେଲ୍' ସେଂଟର୍ ଖୋଲି ସିମ୍ କାର୍ଡ୍ ବିକ୍ରିକରୁଥିଲେ । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ କମ୍ପାନିର ଦୁଇ ଜଣବିତରକଙ୍କଠାରୁ ବ୍ଲାଙ୍କ୍ ସିମ୍ କାର୍ଡ ଆଣୁଥିଲେ । ସିମ୍ କିଣିବାକୁ ଆସୁଥିବା ଗ୍ରାହକଙ୍କ କେୱାଇସି ତଥ୍ୟ ଓଦସ୍ତାବିଜ୍ ବ୍ୟବହାର କରି ସେମାନଙ୍କ ନାମରେ ଅତିରିକ୍ତସିମ୍ କାର୍ଡ୍ ଆକ୍ଟିଭ୍ କରୁଥିଲେ । ୨୪ ଘଣ୍ଟା ମଧ୍ୟରେ ଜଣେଗ୍ରାହକଙ୍କ ଡକ୍ୟୁମେଂଟରୁ ୨ଟି ସିମ୍ ଆକ୍ଟିଭ୍ କରୁଥିଲେ । ଗୋଟିଏ ସିମ୍ ଗ୍ରାହକଙ୍କୁ ଦେବା ପରେ ଅତିରିକ୍ତ ସିମ୍କାର୍ଡଗୁଡ଼ିକୁ ଝାଡ଼ଖଣ୍ଡର ଜାମତାରାରେ ସକ୍ରିୟ ଥିବାସାଇବର ଅପରାଧୀଙ୍କ ନିକଟକୁ ପଠାଯାଉଥିଲା । ରାଜ୍ୟବାହାରକୁ ଚାଲାଣ କାମ ଅଭିଯୁକ୍ତ ଶେଖ୍ ପରଭେଜ୍ କରୁଥିଲା । ଏନେଇ ଟେଲିକମ୍ ବିଭାଗ ଆଢୁ କ୍ରାଇମବ୍ରାଂଚ ମଧ୍ୟମରେ ସମ୍ବଲପୁର ପୁଲିସ୍କୁ ସୂଚନା ମିଳିଥିଲା । ସେହିଆଧାରରେ ଜାରି ରହିଥିବା ତଦନ୍ତରେ ୩ ଅଭିଯୁକ୍ତଙ୍କୁଗିରଫ କରାଯାଇଛି । କିଛି ମାସ ମଧ୍ୟରେ ସେମାନେ୨୦୦ରୁ ଅଧିକ ସିମ୍ ଆକ୍ଟିଭ୍ କରିଥିବା ଜଣାପଡ଼ିଛି ।ଏମାନଙ୍କ ଦ୍ୱାରା ଜାମତାରା ପଠାଯାଇଥିବା ସିମ୍ ମାଧ୍ୟମରେକୋଟି କୋଟି ଟଙ୍କାର ସାଇବର ଠକେଇ ହୋଇଥିବାସନ୍ଦେହ କରାଯାଉଛି । ଅଭିଯୁକ୍ତଙ୍କୁ ଜେରା ପରେସମ୍ବଲପୁର ସାଇବର୍ ପୁଲିସ୍ର ଏକ ଟିମ୍ ଜାମତାରାଗସ୍ତ କରିଛି ବୋଲି ଡିଏସ୍ପି ତାଣ୍ଡି କହିଛନ୍ତି । ଅଭିଯୁକ୍ତମାନଙ୍କଠାରୁ ଗୋଟିଏ କ୍ୟୁଆର୍ କୋଡ୍ ସ୍କାନର, ୪ଟି ମୋବାଇଲ୍ ଫୋନ୍, ୩ଟି ବ୍ୟାଙ୍କ ପାସ୍‌ବୁକ୍,ଗୋଟିଏ ଚେକ୍ ବୁକ୍, ୧୨୦ଟି ନିର୍ଦ୍ଦିଷ୍ଟ କମ୍ପାନିର ବ୍ଲାଙ୍କ୍ ସିମ୍ କାର୍ଡ୍, ୧୦ଟି ସିମ୍ ସମ୍ପର୍କିତ ପାମ୍ପଲେଟ୍ ଏବଂ୪ଟି ୫-ଜି ସାଇନ୍ ବୋର୍ଡ ଜବତ ହୋଇଛି । ଭୁବନବାଗ, ସୁରଜ ବାଗ୍, ମାଳତୀ ଓରାମ୍ ଏବଂ ଅନ୍ୟଜଣେବଳଭଦ୍ର ଓରାମଙ୍କ ନାମରେ ହୋଇଥିବା ଏକାଧିକଘରଭଡ଼ା ଚୁକ୍ତିପତ୍ର ପୁଲିସ୍ ହାତରେ ଲାଗିଛି । ଏନେଇସାଇବର୍ ଥାନାରେ ମାମଲା ରୁଜୁ ହୋଇଛି । ସ୍ଥାନୀୟ ଅଂଚଳର କେଉଁମାନେ ଏହି ରାକେଟ୍ ସହ ସମ୍ପୃକ୍ତ ତାହାମଧ୍ୟ ତଦନ୍ତ ପରିସରଭୁକ୍ତ ରହିଛି ।

# ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ 'ନମାମି ଭାରତମ୍' କାର୍ଯ୍ୟକ୍ରମ




ସମ୍ବଲପୁର,୨୬/୯(ନି/ପ୍ର): ବିଦ୍ୟା ଭାରତୀ ପକ୍ଷରୁ ଜଗନ୍ନାଥ ପ୍ରସାଦ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ ଓ ଆଚାର୍ଯ୍ୟାଙ୍କ ଦ୍ୱାରା ପବିତ୍ର ମୋହନ ଉଚ୍ଚ ବିଦ୍ୟାଳୟରେ 'ନମାମି ଭାରତମ୍' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଶ୍ରୀ ଅମ୍ରିତ ତ୍ରିପାଠୀ ଭାରତ ମାତାଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତା ମନୋଜ କୁମାର ପ୍ରଧାନ 'ବନ୍ଦେ ମାତରମ୍'ର ପରିଚୟ ଓ ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ୧୩୭ ଜଣ ଶିଶୁ, ୧୭ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସହ ମାତୃଭାରତୀର ସଦସ୍ୟାମାନେ ଯୋଗ ଦେଇଥିଲେ। ସୁଶାନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାଗରୀକା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସମସ୍ତେ ସାମୂହିକ ଭାବେ 'ବନ୍ଦେ ମାତରମ୍' ଗାନ କରିଥିଲେ।

# ବୁର୍ଲା ଗଜଲକ୍ଷ୍ମୀ ପୂଜା କମିଟିର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି

ସମ୍ବଲପୁର,୨୬/୯(ନି/ପ୍ର): ସମ୍ବଲପୁର ସହର ସଂଲଗ୍ନ ବୁର୍ଲାରେ ହେଉଥିବା ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷ ତାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି । ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଚଳିତ ବର୍ଷ ପାଇଁ କମିଟିର ନୂତନ କର୍ମକର୍ତ୍ତାଙ୍କୁ ଘୋଷଣା କରାଯାଇଛି । ଏଥି ସହିତ ପୂଜା ଉତ୍ସବକୁ ଦିବ୍ୟ ଭବ୍ୟ ଓ ବିଶାଳ ଭାବରେ କିଭଳି ସମ୍ପନ୍ନ କରାଯିବ ସେ ସଂକ୍ରାନ୍ତରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଏହା ସହିତ ମୁଖ୍ୟ ଉପଦେଷ୍ଟା ତଥା ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ରଙ୍କୁ ସମ୍ବଲପୁରରୁ ବାହାର ଅତିଥି ମାନଙ୍କୁ ନିମନ୍ତ୍ରଣ ପାଇଁ ଅନୁରୋଧ କରାଯାଇଛି । ଚଳିତ ବର୍ଷ ବୁର୍ଲା ଗଜଲକ୍ଷ୍ମୀ ପୂଜା କମିଟିରେ ନୂତନ ସଭାପତି ଭାବେ ଉମେଶ ଚନ୍ଦ୍ର ବଳ, ଉପ-ସଭାପତି ପ୍ରଦୀପ ପଣ୍ଡା, ସନ୍ତୋଷ ପାତ୍ର, ରଶ୍ମି ସାହୁ, ସମ୍ପାଦକ ଭାବରେ ବିଜୟ କୁମାର ପ୍ରଧାନ, ଯୁଗ୍ମ ସହ-ସମ୍ପାଦକ ସନ୍ତୋଷ ପରିଡା, ବାଦଲ ପାତ୍ର, ଯୁଗ୍ମ କୋଷାଧ୍ୟକ୍ଷ ଗୋପାଳ ପ୍ରଧାନ, ସୁବ୍ରତ ସାମଲ ମନୋନୀତ ହୋଇଛନ୍ତି। ନୂତନ ଉପଦେଷ୍ଟା ମଣ୍ଡଳୀରେ ମନୋଜ ନନ୍ଦ, ପ୍ରଦୀପ ଦାଶ, ଦିଗାମ୍ବର ବିଶ୍ୱାଳ, ସୁରେଶ ପଣ୍ଡା, ପ୍ରେମାନନ୍ଦ ଷଣ୍ଢ, ଜ୍ୟୋତି ମହାପାତ୍ର ଓ ସୁଶୀଲ ବଡ଼ପଣ୍ଡା ରହିଛନ୍ତି । ସେହିପରି ଲିଗାଲ୍ ଉପଦେଷ୍ଟା ଭାବେ ଅର୍ଜ୍ଜୁନ ପଟ୍ଟନାୟକ ଓ ମୁକୁଳ ଦାଶଙ୍କୁ ମନୋନୀତ କରାଯାଇଛି । କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ରାମ ଆପଟ, ନିଲୁ ଆଚାର୍ଯ୍ୟ, ସର ପଟ୍ଟନାୟକ, ରଞ୍ଜନ ମହାପାତ୍ର, ଚିତ ବାରିକ, ଟିଟୁ ସାମଲ, ଟୁଲୁ ସେଠୀ, ଶିବ ସାହୁ, ରାଜା ପାତ୍ର, ଟିଂଟୁ ପ୍ରଧାନ, ସରୋଜ ଦୀପ, ବୁଲୁ ଆପଟ, ସଂଗ୍ରାମ ସାମନ୍ତରାୟ, ଜୟ ଶିକା, ଗୋବିନ୍ଦ ଆପଟ, ପରୀ ବିଶ୍ୱାଳ ଓ ସୂର୍ଯ୍ୟକାନ୍ତ ବାରିକଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

UNIVERSITY OF DELHI
Accredited A++ Grade (CGPA 3.65) in third cycle by NAAC, Category (University Status Awarded by UGC)
OPEN LEARNING DEVELOPMENT CENTRE
CENTRE FOR DISTANCE AND ONLINE EDUCATION (CDOE)
(Erstwhile School of Open Learning (SOL))
Campus of Open Learning, University of Delhi
We are offering
Online Foreign Language Courses
Foreign Language Courses Offered in Offline & Online Mode
Scan to Register for Language Courses Admissions

| | | | |
|---|---|---|---|
| Arabic | Chinese | French | German |
| Italian | Japanese | Korean | Persian |
| Portuguese | Russian | Spanish | |

Courses will be offered through Online Mode, and examinations will be conducted in Online or Offline mode (designated examination centres located in the capitals of all States).
An excellent opportunity for students living in remote areas and working professionals.
A great opportunity to earn a Certificate from the University of Delhi.
CBC 21384/11/0001/2627
Contact Details: Phone No. : 011-65213030, 011-35663474 | Email ID: cifl@oldcdu.ac.in | cifl.oldcdu.ac.in

# ପ୍ରବଳ ବର୍ଷା ବିପ୍ୟାତ ଯୋଗୁଁ ଭାଙ୍ଗିଲା ଅନେକ ଘର

ମାଲକାନଗିରି,୨୬/୯(ନି/ପ୍ର): କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ସମସ୍ତ ଅଂଚଳରେ ଚଳିତ ବାତ୍ୟା 'ଅର୍ଣ୍ଣବ'ପ୍ରଭାବରେ କୁଡୁମୁଲୁଗୁମ୍ମା ଓ ଏହାର ଆଖପାଖ ଅଂଚଳରେ ବହୁତ ଘର ଭୁଷୁଡିବା ସହ ଅନେକ ଗଛ ଭାଙ୍ଗିଥିବା ର ସୁଚନା ମିଳିଛି ।ଏହି କ୍ରମରେ କୁଡୁମୁଲୁଗୁମ୍ମା ବାସିନ୍ଦା ପ୍ରଭାକର ସୁନା ଙ୍କ ଘରର ଏକ ପାଖ ମାଟିକାନ୍ଥ ସମ୍ପୁର୍ଣ୍ଣ ଭୁଷୁଡି ଯାଇଥିବା ବେଳେ ପରକାନମାଳା ପଂଚାୟତ ର ସୁନାନଗର ଗ୍ରାମ ବାସିନ୍ଦା ବଣ୍ଡକୁ ଶିଷା ଙ୍କ ସମ୍ପୁର୍ଣ୍ଣ ଘର ଭୁଷୁଡି ପଡିଛି । ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଓ ରାଜସ୍ୱ ନୀରିକ୍ଷକ ଯୁଦ୍ଧ କାଳୀନ ଭିତିରେ ଏହି ସବୁ ଅଂଚଳ ଗସ୍ତ କରି ଲୋକଙ୍କ ସମସ୍ୟା ବୁଝିବା ସହ ଭାଙ୍ଗି ଯାଇଥିବା ଘର ଗୁଡ଼ିକର କ୍ଷୟକ୍ଷତି ଆକଳନ କରୁଥିବା ସୁଚନା ଦେଇଛନ୍ତି ।

# ହତ୍ୟାକାରୀ ଡେଭିଡ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି



ସମ୍ବଲପୁର,୨୬/୯(ନି/ପ୍ର): ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ କବରାପାଲି ଗ୍ରାମର କିଶୋର ମିର୍ଦ୍ଧା (୪୫) କୁ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ଡେଭିଡ ପ୍ରତି ସହାନୁଭୂତି ଦେଖାଉଥିବା ଅଭିଯୋଗ କରି ଗୁରୁବାର କବରାପାଲି ଗ୍ରାମବାସୀ ଥାନା ଘେରାଉ କରିବା ସହ ଅତିରିକ୍ତ ଏସପିଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଡେଭିଡକୁ ପୋଲିସ ଅଟକ ରଖିଥିବା ବେଳେ ତାର ବାପା ଏବଂ ମାମୁଁ ବାରମ୍ବାର ଥାନାରେ ତାକୁ ଭେଟୁଛନ୍ତି । ଏହା ସହ ପୋଲିସ ତାକୁ ଫରୱାର୍ଡ କରୁନଥିବା ଯୋଗୁଁ ଗ୍ରାମବାସୀଙ୍କ ମନରେ ସନ୍ଦେହ ଜାତ ହୋଇଥିଲା । ପୋଲିସର କାର୍ଯ୍ୟ କଳାପ ଏବଂ କବରାପାଲି ଗ୍ରାମରେ ବେଆଇନ ନିଶା କାରବାର ବିରୋଧରେ ସମ୍ବଲପୁର ଅତିରିକ୍ତ ଏସପି ଶ୍ରୀମନ୍ତ ବାରିକଙ୍କୁ ଗ୍ରାମବାସୀ ଭେଟିଥିଲେ । ଶ୍ରୀ ବାରିକ ଅଭିଯୁକ୍ତ ଡେଭିଡ ହତ୍ୟା କରିଥିବା ନେଇ ଦୋଷ ସ୍ୱୀକାର କରିଥିବା ବେଳେ ତାକୁ ଶିଘ୍ର ଫରୱାର୍ଡ କରାଯିବ ବୋଲି କହିଥିଲେ । ଅଭିଯୁକ୍ତ ଡେଭିଡ ବୁର୍ଲା ରେ ଅନେକ ଅପରାଧ କରିବା ପରେ କବରାପାଲିରେ ଆସି ରହିବା ପରେ ଏଠାରେ ମଧ୍ୟ ଚୋରି, ନିଶା କାରବାର ସହ ବାରମ୍ବାର ଗଣ୍ଡଗୋଳ କରୁଥିବା ଗ୍ରାମ ବାସୀ ଅଭିଯୋଗ କରିଛନ୍ତି । ଏହାସହ ଗ୍ରାମରେ ଦିନ କୁ ଦିନ ନିଶା କାରବାର ବୃଦ୍ଧି ପାଇବା ଯୋଗୁଁ ଅପରାଧ ମଧ୍ୟ ବଢୁଥିବା ଅଭିଯୋଗ କରିଛନ୍ତି । ଏହାକୁ ନେଇ ଗ୍ରାମବାସୀ ଅବକାରୀ ଏସପି ଅଶୋକ ସେଠଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ଏସପି ଅଶୋକ ସେଠ ଲୋକଙ୍କ ସହଯୋଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସୂଚନା ଯୋଗ୍ୟ ଯେ,ଗତ ୧୯ ତାରିଖ ସକାଳେ କିଶୋର ମିର୍ଦ୍ଧା ଡେଭିଡ ସହ ସ୍କୁଟିରେ ବାହାରିଥିଲେ ବି ଘରକୁ ଫେରି ନ ଥିଲେ ଓ ଗତ ୨୨ ତାରିଖ ସକାଳେ ଶାସନ ଥାନା ଅଧୀନ ଗିରିପାଲି ଗ୍ରାମ ନିକଟସ୍ଥ ମାଲତୀଯୋର ପାଖରୁ ଗତ ସକାଳେ କିଶୋରର ଗଳିତ ମୃତଦେହ ଉଦ୍ଧାର କରା କରାଯାଇଥିଲା । ଦୋଷୀ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ସହ ନିଶା କାରବାର ବନ୍ଦ କରିବା ପାଇଁ ପରିବାରବର୍ଗ ଙ୍କ ସହ ଗ୍ରାମର ଶତାଧିକ ଗ୍ରାମବାସୀମାନେ ପୋଲିସ ଏବଂ ଅବକାରୀ ବିଭାଗକୁ ଅନୁରୋଧ କରିଛନ୍ତି ।

# ୧୫୦ ବରିଷ୍ଠ ନାଗରିକ ଯିବେ ମଥୁରା ଓ ବୃନ୍ଦାବନ



ସମ୍ବଲପୁର,୨୬/୯(ନି/ପ୍ର): ସମ୍ବଲପୁର ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ କମିଟି ପକ୍ଷରୁ ୧୫୦ ଜଣ ବରିଷ୍ଠ ନାଗରିକଙ୍କ ପାଇଁ ମଥୁରା ଓ ବୃନ୍ଦାବନ ତୀର୍ଥଯାତ୍ରାର ବ୍ୟବସ୍ଥା କରାଯାଇଛି । ଗୁରୁବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ଏହି ସୂଚନା ଦେଇଛନ୍ତି । ନଭେମ୍ବର ୨୭ରୁ ଡିସେମ୍ବର ୨ ପର୍ଯ୍ୟନ୍ତ ଏହି ଯାତ୍ରା କାର୍ଯ୍ୟକ୍ରମ ରହିଛି । ତୀର୍ଥଯାତ୍ରୀ ଦଳ ନଭେମ୍ବର ୨୮ରେ ସମ୍ବଲପୁରରୁ ଟ୍ରେନ୍ ଯୋଗେ ବାହାରି ୨୯ରେ ମଥୁରା ପହଚିଂବେ । ସେଠାରେ କୃଷ୍ଣ ଜନ୍ମଭୂମି, ବୃନ୍ଦାବନ, ବର୍ଷାନା, ଗୋବର୍ଦ୍ଧନ ପରିକ୍ରମା, ରାଧାକୁଣ୍ଡ, ପ୍ରେମ ମନ୍ଦିର, ନିଧିବନ ଓ ଅକ୍ରୁର ମାର୍ଗ ଆଦି ସ୍ଥାନ ଦର୍ଶନ କରିବେ । ଡିସେମ୍ବର ୧ରେ ଦଳ ମଥୁରା ଷ୍ଟେସନ୍‌ରୁ ସମ୍ବଲପୁର ଅଭିମୁଖେ ଫେରିବେ । ଯାତ୍ରା ପୂର୍ବରୁ କ୍ଷେତରାଜପୁର ରେଳଷ୍ଟେସନ୍‌ରେ ଏବଂ ଫେରିବା ପରେ ଦଲେଇପଡ଼ା ପଚଂମୁଖୀ ହନୁମାନ ମନ୍ଦିର ନିକଟରେ ତୀର୍ଥଯାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯିବ । ଟ୍ରେନ୍ ଯାତ୍ରାରେ ସେମାନଙ୍କ ସହ ୧୦ ଜଣିଆ ଏସ୍କର୍ଟ ଦଳ ଓ ଏକ ନାମଯଜ୍ଞ ଦଳ ରହିବ । ଶୀତକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ତୀର୍ଥଯାତ୍ରୀଙ୍କୁ କମ୍ବଳ ଓ ଆବଶ୍ୟକ କିଟ୍ ପ୍ରଦାନ କରାଯିବ । ଯାତ୍ରାର ଏକ ସପ୍ତାହ ପୂର୍ବରୁ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଶ୍ରୀ ସାହା କହିଛନ୍ତି । ତକବା ଗ୍ରାମର ସୁଶୀଲ ବାଦୀ ଓ ରାମଜୀ ବାଦୀ ପ୍ରଥମେ ଯାତ୍ରା ପାଇଁ ଫର୍ମ ପୂରଣ କରିଛନ୍ତି । ଇଚ୍ଛୁକ ବରିଷ୍ଠ ନାଗରିକମାନେ ଦଲେଇପଡ଼ାସ୍ଥିତ ସାଥୀ ଚାରିଟେବୁଲ ଟ୍ରଷ୍ଟ କାର୍ଯ୍ୟାଳୟରୁ ବିନାମୂଲ୍ୟରେ ଫର୍ମ ନେଇ ଅକ୍ଟୋବର ୨୦ ସୁଦ୍ଧା ପଞ୍ଜୀକରଣ କରିପାରିବେ । ସାମ୍ବାଦିକ ସମ୍ମିଳନୀରେ କମିଟିର ପରାମର୍ଶଦାତା କାର୍ତ୍ତିକ ବହିଦାର ତୀର୍ଥଯାତ୍ରାର ମହତ୍ୱ ସମ୍ପର୍କରେ କହିଥିଲେ । ଆୟୋଜକ ଅରୁଣ ପଟୱାରୀ, ସମରଜିତ ପଟ୍ଟନାୟକ ଓ ଶିକ୍ଷାବିତ୍ ବିଶ୍ୱରଞ୍ଜନ ପୂଝାରୀ ଉପସ୍ଥିତ ଥିଲେ ।

# ବଡ଼ବାହାଲରେ ବିଜେପି ଜନସମ୍ପର୍କ ଯାତ୍ରା

ଝାରସୁଗୁଡ଼ା,୨୬/୯(ନି/ପ୍ର): ବିଜେପିର କୋଲାବିରା ମଣ୍ଡଳ ପକ୍ଷରୁ ଝିର୍ଲାପାଲି ପଂଚାୟତରେ ଜନସମ୍ପର୍କ ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏନେଇ ଏହି ପଂଚାୟତ ର ବଡ଼ବାହାଲ ଗ୍ରାମ ଡୁଙ୍ଗୁରିପଡ଼ା ଓ ଲଦ୍ରୋପଡ଼ାରେ ଦୁଇଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଜେପି ମଣ୍ଡଳ ସଭାପତି ରାଜେଶ ଦାଶ, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ ବେହେରା, ସାଧାରଣ ସମ୍ପାଦକ ଲିଙ୍କନ ଟଣ୍ଡକାର , ସ୍ଥାନୀୟ ସରପଂଚ ତିଲୋତମା ଛଛାନ, ବରିଷ୍ଠ ସଦସ୍ୟ ଭାଗିରଥୀ ଛତ୍ରିଆଙ୍କ ସହ ଅନ୍ୟ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏହି ବୈଠକରେ ଗ୍ରାମବାସୀ ଙ୍କ ବିଭିନ୍ନ ସମସ୍ୟା, ସ୍ୱାସ୍ଥ୍ୟ, ଶିକ୍ଷା ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆଇସିଡିଏସ୍ ସମୀକ୍ଷା ବୈଠକ

ଝାରସୁଗୁଡ଼ା,୨୬/୯(ନି/ପ୍ର): ଜିଲ୍ଲାପାଳ କୁନାଲ୍ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ସମନ୍ୱିତ ଶିଶୁ ବିକାଶ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସମସ୍ତ ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର ତଥା ଜିଲ୍ଲା ସଂଯୋଜକ-ପୋଷଣ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲାରେ ଶିଶୁ ଏବଂ ପ୍ରସୂତି ମହିଳାମାନଙ୍କ ପୁଷ୍ଟିସାଧନ ତଥା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରାଯାଇ କାର୍ଯ୍ୟକ୍ଷମ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବୈଠକରେ ଜିଲ୍ଲାର ଅତ୍ୟଧିକ କୁପୋଷିତ ଏବଂ ମଧ୍ୟମ ଧରଣର କୁପୋଷିତ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟିସାର ସ୍ଥିତିରେ ଉନ୍ନତି ଆଣିବା ଉପରେ ଜିଲ୍ଲାପାଳ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସମସ୍ତ ସିଡିପିଓ ଏବଂ ସୁପରଭାଇଜରମାନେ ଅଙ୍ଗନୱାଡ଼ି କେନ୍ଦ୍ର ସ୍ତରରେ ଏଭଳି ପ୍ରତ୍ୟେକ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ନିୟମିତ ତଦାରଖ କରିବା ସହ ଆବଶ୍ୟକୀୟ ପୁଷ୍ଟିକର ଖାଦ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ପରିସ୍ଥିତିରେ ଯେପରି କୌଣସି କୁପୋଷିତ ଶିଶୁ ଯତ୍ନରୁ ବଂଚିତ ନ ହୁଅନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ରଖିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସେହିପରି 'ପୋଷଣ ଟ୍ରାକର' ଆପ୍ଲିକେସନରେ ପ୍ରତ୍ୟେକ ଶିଶୁର ଓଜନ ଓ ଉଚ୍ଚତା ସଠିକ୍ ଭାବେ ମାପ କରି ନିୟମିତ ବ୍ୟବଧାନରେ ତଥ୍ୟ ଅପଡେଟ୍ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି । କ୍ଷେତ୍ରସ୍ତରରେ ପ୍ରକୃତ ମାପ ଅନୁଯାୟୀ ଯେପରି ଡାଟା ପ୍ରବେଶ କରାଯିବ ଏବଂ ଜିଲ୍ଲାର କୌଣସି ଜଣେ ହେଲେ ଶିଶୁ ଏହି ପଞ୍ଜୀକରଣ ପ୍ରକ୍ରିୟାରୁ ବାଦ୍ ନ ପଡ଼ନ୍ତି, ତାହା ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ କୁହାଯାଇଛି । ଅନ୍ୟପକ୍ଷରେ, ଜିଲ୍ଲାରେ ବାକି ରହିଥିବା ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବା ଏବଂ ପ୍ରସ୍ତାବିତ ନୂତନ ଗୃହ ନିର୍ମାଣ ନିମନ୍ତେ ଉପଜିଲ୍ଲାପାଳଙ୍କୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି ।




# ବିଭିନ୍ନ ଗଣେଶ ପୂଜା କମିଟିର ବିସର୍ଜନ ଶୋଭାଯାତ୍ରା

## ପୁଲିସ ପ୍ରଶାସନର ନଜରରେ ଶାନ୍ତିପୂର୍ଣ୍ଣ ରହିଲା ଆୟୋଜନ, ଝାଙ୍କି ସମସ୍ତଙ୍କ ମନ ମୋହିଲା





ରାଉରକେଲା,୨୬/୯(ନି.ପ୍ର): ସହରର ମୁଖ୍ୟ ମାର୍ଗ ସମେତ ଆବାସିକ ଅଂଚଳ ସିଭିଲ୍ ଟାଉନସିପ୍, ବାସନ୍ତୀ କଲୋନୀ ଓ ଛେଣ୍ଡରେ ଗଣେଶ ପୂଜା ସମାପନ ଅବସରରେ ଶୁକ୍ରବାର ଦିନ ମୁଖ୍ୟ ରାସ୍ତାରେ ଭବ୍ୟ ଗଣେଶ ବିସର୍ଜନ ଶୋଭାଯାତ୍ରା ବାହାରିଥିଲା । ବାଜା-ରୋଷଣୀ ଓ ଧାର୍ମିକ ଉତ୍ସାହ ମଧ୍ୟରେ ବାହାରିଥିବା ଏହି ଶୋଭାଯାତ୍ରାରେ ବିପୁଳ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଶୋଭାଯାତ୍ରା ସମୟରେ ବିଭିନ୍ନ ରାଜ୍ୟରୁ ଆସିଥିବା ଝାଙ୍କି କଳାକାରମାନେ ଆକର୍ଷଣୀୟ ପ୍ରଦର୍ଶନ କରି ଲୋକଙ୍କ ମନ ମୋହି ନେଇଥିଲେ । ରଙ୍ଗବେରଙ୍ଗର ଝାଙ୍କି ଓ କଳାକାରଙ୍କ ପ୍ରଦର୍ଶନ ଦେଖିବା ପାଇଁ ରାସ୍ତାର ଦୁଇ ପାଶ୍ୱର୍ରେ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା । ସେହିପରି ମଙ୍ଗଳ ଭବନ ସମ୍ମୁଖ ଶିବାଜୀ ମାର୍ଗ ଗଣେଶ ପୂଜା କମିଟି ଓ ଡେଲି ମାର୍କେଟ୍ ନବଯୁବକ ସଂଘ ଗଣେଶ ପୂଜା ସମିତି ସମେତ ଅନ୍ୟାନ୍ୟ ଗଣେଶ ପୂଜା କମିଟି ପକ୍ଷରୁ ବିସର୍ଜନ ଶୋଭାଯାତ୍ରା ବାହାର କରାଯାଇଥିଲା, ଯେଉଁଥିରେ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ସମ୍ପୂର୍ଣ୍ଣ ଆୟୋଜନ ସମୟରେ ପୁଲିସ ପ୍ରଶାସନ ପକ୍ଷରୁ ସୁରକ୍ଷାର କଡ଼ାବ୍ୟବସ୍ଥା କରାଯାଇଥିଲା । ପୁଲିସ କର୍ମଚାରୀଙ୍କ ନଜରରେ ଶୋଭାଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଆଗକୁ ବଢ଼ିଥିଲା । ଶ୍ରଦ୍ଧାଳୁମାନେ ଭକ୍ତିଭାବର ସହ ଗଣପତି ବାପ୍ପାଙ୍କୁ ବିଦାୟ ଦେଇଥିଲେ । ଅନ୍ୟପଟେ ରାଉରକେଲା ମହାନଗର ନିଗମ ପକ୍ଷରୁ ବାଲୁଘାଟସ୍ଥିତ କୃତ୍ରିମ ପୋଖରୀରେ କ୍ରେନ୍ ସାହାଯ୍ୟରେ ଭଗବାନ ଗଣେଶଙ୍କ ପ୍ରତିମା ବିସର୍ଜନ କରାଯାଇଥିଲା, ଯେଉଁଠାରେ ବିଭିନ୍ନ ଗଣେଶ ପୂଜା କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ଭିଡ଼ ଦେଖିବାକୁ ମିଳିଥିଲା ।

# ହାତୀ ଆକ୍ରମଣରେ ବୀରମିତ୍ରପୁରର ୬୫ ବର୍ଷ ବୟସ୍କ ବୃଦ୍ଧଙ୍କ ମୃତ୍ୟୁ



ବୀରମିତ୍ରପୁର,୨୬/୯(ନି/ପ୍ର): ସୁନ୍ଦରଗଡ଼ ଜିଲ୍ଲାରେ ହାତୀ ଉପଦ୍ରବ ଘଟଣା ଦିନକୁ ଦିନ ସ୍ଥାନୀୟ ଲୋକଙ୍କ ଚିନ୍ତାର କାରଣ ପାଲଟିଛି । ଆଜି ସକାଳେ ବୀରମିତ୍ରପୁରର ରାୟବଗା ଅଂଚଳରେ ଆଉ ଏକ ହାତୀ ଆକ୍ରମଣ ଘଟଣାରେ ଜଣେ ୬୫ ବର୍ଷ ବୟସ୍କ ବ୍ୟକ୍ତିଙ୍କ ମୃତ୍ୟୁ ଘଟଣା ସାମ୍ନାକୁ ଆସିଛି । ରାୟବଗା ଥାନା ଅନ୍ତର୍ଗତ ଝୁନମୁରରେ ସିରିନ୍ କୁଲୁ ନାମକ ଜଣେ ୬୫ ବର୍ଷ ବୟସ୍କ ବ୍ୟକ୍ତିଙ୍କୁ ଏକ ଦନ୍ତା ହାତୀ ଦଳି ଦେଇଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୮ଟା ସମୟରେ ଦନ୍ତା ହାତୀ ଆକ୍ରମଣର ଶୀକାର ହୋଇଥିବା ସିରିନ୍ ତାଙ୍କ କୃଷି କ୍ଷେତ୍ରକୁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା । ଦନ୍ତା ହାତୀ ତାଙ୍କୁ ଆକ୍ରମଣ କରିବା ପରେ ଯଦିଓ ସେ ପଳାଇବାକୁ ଚେଷ୍ଟା କରିଥିଲେ, ଦନ୍ତା ହାତୀ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଦଳି ହତ୍ୟା କରିଥିଲା । ସ୍ଥାନୀୟ ଲୋକମାନଙ୍କ ସୂଚନା ଅନୁସାରେ ଦଳରୁ ଅଲଗା ହୋଇଥିବା ଏକୁଟିଆ ଦନ୍ତା ହାତୀଟି ଗତ କିଛି ଦିନ ଧରି ବୀରମିତ୍ରପୁର ଏବଂ ରାୟବଗା ଅଂଚଳରେ ଆତଙ୍କ ସୃଷ୍ଟି କରୁଛି । ଏହି ସଦ୍ୟତମ ଘଟଣା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଏବଂ ଆତଙ୍କ ସୃଷ୍ଟି କରିଛି । ସରକାରଙ୍କ ନିୟମ ବଡ ବିଚିତ୍ର ! ବନ୍ୟଜନ୍ତୁ ହାତୀକୁ ସୁରକ୍ଷା ଦେବାକୁ ଯାଇ ଆଇନ୍ ଗଢିଛନ୍ତି । ବନ ବିଭାଗ ହାତରେ ଆଇନ୍ ରହିଛି ହାତୀଙ୍କୁ ସୁରକ୍ଷା ଦେବା ପାଇଁ, ହାତୀ ଆକ୍ରମଣରେ ମଣିଷର ଜୀବନ ବିପନ୍ନ ହେଲେ ବନ ବିଭାଗ ମଣିଷକୁ ସୁରକ୍ଷା ଯୋଗାଇ ନପାରି ହାତ ଟେକି ଦେଉଛି । କାରଣ ବନ ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ ମଧ ମଣିଷ ! ମଣିଷ-ହାତୀ ସଂଘର୍ଷକୁ ରୋକିବା ଏବଂ ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଦନ୍ତା ହାତୀଟିକୁ ଜଙ୍ଗଲ ଭିତରକୁ ଘଉଡ଼ାଇ ଦେବାକୁ ଗ୍ରାମବାସୀମାନେ ବନ ବିଭାଗକୁ ଅନୁରୋଧ କରିବା ପରେ, ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଚିଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି । ପୋଲିସ ବିଭାଗ ପକ୍ଷରୁ ମଧ ଘଟଣାର ତଦନ୍ତ ଆରମ୍ଭ କରାଯାଇଛି ।

# ବିଚାରାଳୟରେ ଦଣ୍ଡହାର ବୃଦ୍ଧିକୁ ନେଇ ପଶ୍ଚିମାଂଚଳ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ଟ୍ରେନିଂ




ରାଉରକେଲା,୨୬/୯(ନି/ପ୍ର): କୋର୍ଟ ପ୍ୟାରବିକାରଙ୍କ କର୍ତବ୍ୟ ଏବଂ ଦାୟିତ୍ୱକୁ ନେଇ ଆଜି ପଶ୍ଚିମାଂଚଳ ପୋଲିସ୍ ରେଞ୍ଜ ପକ୍ଷରୁ ରାଉରକେଲା ସେକ୍ଟର-୨୦ ରାଉରକେଲା କ୍ଲବ୍ ଠାରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋର୍ଟରେ ବିଚାରର ପ୍ରଗତି ଉପରେ ନଜର ରଖିବା, ଦଣ୍ଡବିଧାନ ହାରରେ ବୃଦ୍ଧି ଏବଂ ତଦନ୍ତକୁ ସ୍ୱଚ୍ଛ କରିବା ଏବଂ କ୍ଷିପ୍ରତା ଆଣିବା ଲକ୍ଷ୍ୟ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏଥିରେ ପଶ୍ଚିମାଂଚଳ ରେଞ୍ଜର ପୋଲିସ୍ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଫିଡ୍ ବେକ୍ ଦେବା ପାଇଁ ପ୍ରଶ୍ନ କରାଯାଇଥିଲା । ତଦନ୍ତ ପରେ ପୋଲିସ୍ ପକ୍ଷରୁ କୋର୍ଟକୁ ଚାର୍ଜସିଟ୍ ଦିଆଯିବା ପରେ, ପୋଲିସର ଦାୟିତ୍ୱବୋଧ କ'ଣ ରହିଛି, ସେ ବିଷୟରେ ପୋଲିସ୍ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ଦଣ୍ଡହାର ବୃଦ୍ଧିକୁ ନେଇ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଆଜିର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଶ୍ଚିମାଂଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀଙ୍କ ସମେତ ରାଉରକେଲା ଅତିରିକ୍ତ ଜିଲ୍ଲା ଦୌରାଜଜଙ୍କ କୋର୍ଟର ପବ୍ଲିକ୍ ପ୍ରସିକ୍ୟୁଟର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଏବଂ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଦୁଇ ପବ୍ଲିକ୍ ପ୍ରସିକ୍ୟୁଟରଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପଶ୍ଚିମାଂଚଳ ରେଞ୍ଜ ଡିଆଇଜି ବ୍ରିଜେଶ କୁମାର ରାୟ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଭାରତର ଅନ୍ୟାନ୍ୟ ରାଜ୍ୟରେ ଅପରାଧ ସହିତ ଜଡିତ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ୍ ପକ୍ଷରୁ ନିଆଯାଉଥିବା ତଦନ୍ତରେ ଦଣ୍ଡହାର ଅଧିକ ଥିବାବେଳେ ଓଡ଼ିଶାରେ ଏହି ହାର କମ୍ ରହିଛି । ତେଣୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦଣ୍ଡହାରକୁ ବୃଦ୍ଧି ପାଇଁ ପୋଲିସ ପକ୍ଷରୁ ତଦନ୍ତକୁ ପ୍ରାଥମିକତା ଦିଆଯାଇ ବୈଠକ କରାଯାଉଥିବା ବେଳେ, ବର୍ତମାନ ଦଣ୍ଡହାରକୁ ବୃଦ୍ଧି ଉଦ୍ଦେଶ୍ୟରେ ବୈଠକ ଆୟୋଜିତ ହେବ ।

## ମାଲକାନଗିରିରେ ସମ୍ବନ୍ଧ ସମବାୟ ସଦସ୍ୟତା ମହା ଅଭିଯାନର ଜିଲ୍ଲାସ୍ତରୀୟ ଶୁଭାରମ୍ଭ

ମାଲକାନଗିରି,୨୬/୯(ନି/ପ୍ର): ସ୍ଥାନୀୟ ସଂସ୍କୃତି ଭବନଠାରେ ସମବାୟ ସଦସ୍ୟତା ମହା ଅଭିଯାନ ସମ୍ବନ୍ଧ-୨୦୨୬ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ ମହୋତ୍ସବ ଉତ୍ସାହ ଓ ଆନନ୍ଦର ସହିତ ପାଳିତ ହୋଇଯାଇଛି । ଏହି ମହା ଅଭିଯାନର ରାଜ୍ୟସ୍ତରୀୟ ଶୁଭାରମ୍ଭ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ (ଭର୍ଚୁଆଲ୍) ମାଧ୍ୟମରେ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ସମବାୟ ବ୍ୟବସ୍ଥା ହେଉଛି ଆମ ଜିଲ୍ଲାର ଗ୍ରାମୀଣ ଅର୍ଥନୀତି ଓ କୃଷକମାନଙ୍କ ସମୃଦ୍ଧିର ମୂଳଦୁଆ । ସମ୍ବନ୍ଧ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ନାଗରିକ ସମବାୟ ଆନ୍ଦୋଳନ ସହ ଯୋଡ଼ି ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ । ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକଙ୍କ ପ୍ରତିନିଧି, ନବରଙ୍ଗପୁର ଲୋକସଭା ସାଂସଦଙ୍କ ପ୍ରତିନିଧି ଏବଂ ମାଲକାନଗିରି ବିଧାୟକଙ୍କ ପ୍ରତିନିଧି ଉପସ୍ଥିତ ଥିଲେ । ମାଲକାନଗିରି ବିଭାଜନର ସମବାୟ ସମିତି ସମୂହ ଉପନିବନ୍ଧକ ଥିଓଫିଲ ଶବର ସଭାରେ ପୌରୋହିତ୍ୟ କରିଥିଲେ । ଏହି ମହା ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼ କରିବା, ଅଧିକରୁ ଅଧିକ ଲୋକଙ୍କୁ ସମବାୟ ସହିତ ଯୋଡ଼ିବା ଏବଂ ସମବାୟ ସଂସ୍ଥାଗୁଡ଼ିକରେ ସଦସ୍ୟତା ବୃଦ୍ଧି କରିବା ।

# ଗାନ୍ଧୀ ସରକାରୀ ୟୁପି ସ୍କୁଲରେ ଇଂଟରାକ୍ଟ କ୍ଲବ ଚାର୍ଟର ପ୍ରଦାନ ସମାରୋହ




ରାଉରକେଲା,୨୬/୯(ନି/ପ୍ର): ରୋଟାରୀ କ୍ଲବ ଅଫ୍ ରାଉରକେଲା ଷ୍ଟିଲ୍ ସିଟି ପକ୍ଷରୁ ଗାନ୍ଧୀ ସରକାରୀ ୟୁପି ସ୍କୁଲ, ସେକ୍ଟର-୧୯ର ଇଂଟରାକ୍ଟ କ୍ଲବର ଚାର୍ଟର ଇନଷ୍ଟଲେସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୧ର ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଆଲମ ସିଂହ ରୂପ୍ରା ଯୋଗ ଦେଇଥିଲେ । ତାଙ୍କ ସହ ଜିଲ୍ଲାର ପ୍ରଥମ ମହିଳା ରୋଟାରିଆନ ହରପାଲ ରୂପ୍ରା ମଧ୍ୟ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କନିକା ପରିଡ଼ାଙ୍କ ସ୍ୱାଗତ ଭାଷଣ ପରେ କ୍ଲବ ସଭାପତି ରୋଟାରିଆନ ଡ. ସରିତା ମଲ୍ଲ ଏବଂ ପିପି ଡ. ଅଞ୍ଜନା ମୈତ୍ର ଇଂଟରାକ୍ଟ କ୍ଲବ ସମ୍ପର୍କରେ ବୁଝାଇଥିଲେ । ରୋଟାରିଆନ ପୁତୁଲ ରାହୁଲ ମୁଖ୍ୟ ଅତିଥିଙ୍କୁ ପରିଚିତ କରାଇଥିଲେ । ମୁଖ୍ୟ ଅତିଥି ଶ୍ରୀ ରୂପ୍ରା ନବ ନିର୍ବାଚିତ ଇଂଟରାକ୍ଟ ସଭାପତି ଚାନ୍ଦିନୀ ଶର୍ମାଙ୍କୁ ଦାୟିତ୍ୱ ପ୍ରଦାନ କରିବା ସହ ଇଂଟରାକ୍ଟ ସମ୍ପାଦକ ଇନ୍ଦ୍ର ଗୋପଙ୍କୁ ଚାର୍ଟର ପ୍ରଦାନ କରିଥିଲେ । ଗାଇଡ୍ ଶିକ୍ଷୟିତ୍ରୀ ସରସ୍ୱତୀ ମହାନ୍ତି ସହଯୋଗ କରିଥିଲେ । ଶେଷରେ ରୋଟାରିଆନ ଲଳିତା ମୁଦଲି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ସମସ୍ତ ରୋଟାରିଆନ ସରିତା ମଲ୍ଲ, ନମିତା ଆଚାର୍ଯ୍ୟ, ଅଞ୍ଜନା ମୈତ୍ର, ସୁଚିସ୍ମିତା ବିଶ୍ୱାସ, ପୁତୁଲ ରାହୁଲ, ଟୁନି ସାହୁ, ଲଳିତା ମୁଦଲି, ଆଶିଷ କୁମାର, ବିଜୟ କୁମାର ଏବଂ ସନ୍ଧ୍ୟାରାଣୀ ବରାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ସହ ରୋଟ୍ରାକ୍ଟର ମାନଙ୍କୁ ଉତ୍ସାହିତ କରିଥିଲେ ।



ବୀରମିତ୍ରପୁର ରାଜପଥ ରାସ୍ତା ମରାମତି କାମ ଆରମ୍ଭ ହାଇଥିବାରୁ ସହରର ଯୁବ ଛାତ୍ରମାନେ ବୀରମିତ୍ରପୁର ଯୁବ ବିଧାୟକ ଶ୍ରୀ ରୋହିତ ଯୋସେଫ ତୀର୍କିଙ୍କୁ ଧନ୍ୟବାଦ ଜଣାଇଛନ୍ତି

# ଭାପୁରରେ ୩ ଦିନ ଧରି ଲଗାଣ ବର୍ଷା:

## ଧାନ ଫସଲ ଜଳମଗ୍ନ, ରାସ୍ତା ଓ ମନ୍ଦିର ପ୍ରଭାବିତ



ଭାପୁର,୨୬/୯(ନି/ପ୍ର): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅଂଚଳରେ ୩ ଦିନ ହେଲା ତୁହାକୁ ତୁହା ଲଗାଣ ବର୍ଷାସହିତ ପବନ ବହିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଲଗାଣ ବର୍ଷାରେ ଶହ ଶହ ଧାନ ଫସଲ ବୁଡ଼ି ଯାଇଥିବାବେଳେ ବଡ଼ ବଡ଼ ଗଛ ଭାଙ୍ଗି ବିଭିନ୍ନ ଅଂଚଳରେ ରାସ୍ତା ଅବରୋଧ ସହିତ ଭାପୁର କଳାପଥର ବଜାରକୁ ସଂଯୋଗ ବାଇପାସ ରାସ୍ତାର ମଧ୍ୟ ଭାଗରେ ଥିବା କାଳିଗିରି ନଦୀ ବ୍ରିଜ ଉପରେ ୨ ଫୁଟର ବର୍ଷା ପାଣିର ସୁଅ ଛୁଟୁଥିବାରୁ ଦେଖିବାକୁ ମିଳିଛି । ଏହାଫଳରେ ଯାତାୟତରେ ବିଭିନ୍ନ ଗାଡ଼ିମୋଟର ଭୟରେ ଯାତାୟତ କରୁଥିବା ଦେଖିବାକୁ ମିଳିଛି । ଏହା ସହିତ ଗୋଳାପୋଖରୀ ପଚାଂୟତ ତରବାଲୋ ଗ୍ରାମର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ଜଳେଶ୍ୱର ଠାକୁରଙ୍କ ମନ୍ଦିର ବେଢ଼ା ଅପରିଷ୍କାର ପାଣିରେ ୪ ଦିନ ହେଲା ବୁଡ଼ି ରହିଥିବାରୁ ପୂଜକ ଏବଂ ଶ୍ରଦ୍ଧାଳୁମାନେ ପୂଜା କରିବାପାଇଁ ମନ୍ଦିରକୁ ଯିବାପାଇଁ ଅମଙ୍ଗ ହେଉଥିବା ଦେଖାଦେଇଛି । ଏହି ଗ୍ରାମରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଡ୍ରେନ ପାଣି ପଶିବା ସହିତ ଡ୍ରେନରେ କୁଢ଼ କୁଢ଼ ଠୋଲା ସହିତ ମଦ ବୋତଲ ଅପରିଷ୍କାର ସାମଗ୍ରୀ ଭାସିଆସି ବିଦ୍ୟାଳୟ ପରିସରରେ ଗଦା ହୋଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ଗ୍ରାମରେ ।

# ବର୍ଷାରେ କାଦବରାଙ୍ଗ ଆଡିଆ ରାସ୍ତା ଯୋଗାଯୋଗ ବିଚ୍ଛିନ୍ନ

ଭଦ୍ରକ,୨୬/୯(ନି/ପ୍ର) :ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ପ୍ରଭାବରେ ଗତ ବୁଧବାର ଠାରୁ ତିନିଦିନ ଧରି ବନ୍ତ ବ୍ଲକରେ ଲଗାଣ ବର୍ଷା ଜାରି ରହିଛି । ଫଳରେ ସାଳନ୍ଦୀ, କପାଳୀ ଓ ରେବ ନଦୀରେ ବଢି ପାଣି ଆସି ଅନେକ ଗାଁରେ ପଶିଥିବା ବେଳେ ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ଲଗାଣ ବର୍ଷାରେ ଅନେକ ଚାଳ ଛପର ଘର ଭାଙ୍ଗିଥିବା ବେଳେ ତଳିଆ ଅଂଚଳରେ ଥିବା ଲୋକେ ସ୍କୁଲ ଘରେ ଆଶ୍ରୟ ନେଇଥିବାର ଜଣାଯାଇଛି । ବନ୍ତ ବ୍ଲକର ଭଦ୍ରକ-ଆଗରପଡା ପୂର୍ତ୍ତବିଭାଗ ରାସ୍ତାର କାଦବରାଙ୍ଗ ଠାରୁ ଆଡିଆ ଯାଇଥିବା ରାସ୍ତାର ବନ୍ତଳା କେନାଲ ଛକ ନିକଟରେ ତିନିଫୁଟ ଉଚ୍ଚତାରେ ପାଣି ଚାଲିଥିବାରୁ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ଏହି ରାସ୍ତାର ବାଙ୍କତିରା ହନୁମାନ ମନ୍ଦିର ଠାରେ ପାଣି ଜମି ରହିବା ଫଳରେ ବନ୍ତଳା ଓ ବାଙ୍କତିରା ଗ୍ରାମବାସୀ ଏକ ପ୍ରକାର ଜଳବନ୍ଦୀରେ ରହିଛନ୍ତି । ବାଙ୍କତିରାର ନାୟକ ଓ ଦାସ ସାହିରେ ପାଣି ପଶିଥିବାରୁ ଗ୍ରାମର ବାବାଜୀ ଦାସଙ୍କ ଚାଳ ଛପର ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିବା ବେଳେ ଦୁର୍ଯୋଧନ ନାୟକ, ନିତ୍ୟାନନ୍ଦ ନାୟକ, ବଳରାମ ନାୟକ,ସନିଆ ନାୟକ, ଦୁଃଖହରି ଜେନା, କୃଷ୍ଣ ଦାସଙ୍କ ପରିବାର ବାଙ୍କତିରା ସ୍କୁଲରେ ଆଶ୍ରୟ ନେଇଛନ୍ତି ।

# ସରକାରୀ ଆଇ.ଟି.ଆଇ., ରାଉରକେଲା ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ସେଲ୍ ଆର.ଏସ.ପି.ରେ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତା ତାଲିମ୍ କାର୍ଯ୍ୟକ୍ରମ ଶୁଭାରମ୍ଭ




ରାଉରକେଲା,୨୬/୯(ନି/ପ୍ର):ସେଲ୍ର ରାଉରକେଲା ଇସ୍ପାତ କାରଖାନା (ଆର.ଏସ.ପି.)ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗ (ଏଲ୍ ଆଣ୍ଡ ଡି)ଠାରେ ସେପଟ୍ମେର ୨୨ ତାରିଖ ରେ ସରକାରୀ ଆଇ.ଟି.ଆଇ., ରାଉରକେଲାର ଛାତ୍ରଛାତ୍ରୀଙ୍କ ପାଇଁ ଡୁଆଲ୍ ସିଷ୍ଟମ୍ ଅଫ୍ ଟ୍ରେନିଂ (ଡି.ଏସ.ଟି.) ଅଧୀନରେ ଛଅ ମାସିଆ ଶିଳ୍ପ-ଶିକ୍ଷାନୁଷ୍ଠାନ ସହଯୋଗିତା ତାଲିମ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଗୋପବନ୍ଧୁ ପ୍ରେକ୍ଷାଗୃହରେ ଏହି ଓରିଏଂଟେସନ୍/ଇଣ୍ଡକ୍ସନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଭାରପ୍ରାପ୍ତ ମହାପ୍ରବନ୍ଧକ, ମାନବ ସମ୍ବଳ-ଏଲ୍ ଆଣ୍ଡ ଡି ଏବଂ ଓ.ଡି. ଶ୍ରୀ ଆର.କେ. ବର୍ମା ପୌରୋହିତ୍ୟ କରିଥିଲେ । ସରକାରୀ ଆଇ.ଟି.ଆଇ., ପାନ୍ପୋଷର ଅଧ୍ୟକ୍ଷ ଶ୍ରୀ ଆର.କେ. କର ଏବଂ ସହକାରୀ ମହାପ୍ରବନ୍ଧକ (ଏଲ୍ ଆଣ୍ଡ ଡି) ଶ୍ରୀ ଡି. ସାହୁ ମଧ୍ୟ ଏ ଅବସରରେ ମଚାଂସୀନ ଥିଲେ । ସରକାରୀ ଆଇ.ଟି.ଆଇ., ପାନ୍ପୋଷ, ରାଉରକେଲାର ୫ଟି ଭିନ୍ନ ଭିନ୍ନ ଟ୍ରେଡ୍ରୁ ମୋଟ ୧୪୬ ଜଣ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଆର୍ଥିକ ବର୍ଷ ୨୦୨୬-୨୭ ରେ ଡୁଆଲ୍ ସିଷ୍ଟମ୍ ଅଫ୍ ଟ୍ରେନିଂ (ଡି.ଏସ.ଟି.) କାର୍ଯ୍ୟକାରୀ କରିବା ପାଇଁ ଚଳିତ ବର୍ଷ ମଇ ୨୭ ତାରିଖ ରେ ଆର.ଏସ.ପି.ର ଏଲ୍ ଆଣ୍ଡ ଡି କେନ୍ଦ୍ରରେ ସେଲ୍, ଆର.ଏସ.ପି. ଏବଂ ସରକାରୀ ଆଇ.ଟି.ଆଇ., ରାଉରକେଲା ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବୁଝାମଣା ପତ୍ର ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି । ଡି.ଏସ.ଟି. ବ୍ୟବସ୍ଥା ଅଧୀନରେ, ସରକାରୀ ଆଇ.ଟି.ଆଇ.ରେ ଶ୍ରେଣୀଗୃହ ଶିକ୍ଷାଦାନ ପ୍ରଦାନ କରାଯିବ, ଯେତେବେଳେ କି ଛଅରୁ ନଅ ମାସ ପର୍ଯ୍ୟନ୍ତ ଆର.ଏସ.ପି.ର ବିଭିନ୍ନ ବିଭାଗ ଏବଂ କାର୍ଯ୍ୟକ୍ଷମ ୟୁନିଟ୍ଗୁଡ଼ିକରେ ବ୍ୟବହାରିକ, ଅନ୍-ଦି-ଜବ୍ ତାଲିମ୍ ଦିଆଯିବ । ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ଫିଟର, ଇଲେକ୍ଟ୍ରିସିଆନ୍, ୱେଲ୍ଡର ମେସିନିଷ୍ଟ/ଟର୍ନର, ଇନ୍ଷ୍ଟ୍ରୁମେଂଟ ମେକାନିକ୍, ଡିଜେଲ୍ ମେକାନିକ୍ ଏବଂ କୋପା ସମେତ ଶିଳ୍ପ ଆବଶ୍ୟକତା ସହିତ ଜଡ଼ିତ ବିଭିନ୍ନ ଟ୍ରେଡ୍ରେ ପ୍ରାୟ ୬୦୦ ଆଇ.ଟି.ଆଇ. ଛାତ୍ରଛାତ୍ରୀଙ୍କୁ ଦକ୍ଷ କରିବା । କେନ୍ଦ୍ରୀୟ ସାର୍ବଜନୀନ କ୍ଷେତ୍ର ଉଦ୍ୟୋଗଗୁଡ଼ିକ ମଧ୍ୟରେ ଔଦ୍ୟୋଗିକ ଅଭିଜ୍ଞତା ବୃଦ୍ଧି କରି ନିଯୁକ୍ତି-ଭିତ୍ତିକ ଦକ୍ଷତା ସୃଷ୍ଟିକୁ ପ୍ରୋତ୍ସାହିତ କରିବା ପାଇଁ ଇସ୍ପାତ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି । ସଂଗଠିତ ଶିକ୍ଷାଗତ ଶିକ୍ଷା ସହିତ ପ୍ରତ୍ୟକ୍ଷ ଶିଳ୍ପ ପ୍ରାକ୍ଟିକାଲ୍ ଅଭିଜ୍ଞତାକୁ ଯୋଡ଼ି, ଏହି ସହଯୋଗିତା ଶିଳ୍ପ-ଉପଯୋଗୀ ମାନବସମ୍ବଳ ପ୍ରସ୍ତୁତ କରିବା ଏବଂ ଏହି ଅଂଚଳରେ ଶିଳ୍ପ-ଶିକ୍ଷାନୁଷ୍ଠାନ ସମ୍ପର୍କକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି । ଏହି କାର୍ଯ୍ୟକ୍ରମ ଆଇ.ଟି.ଆଇ. ପ୍ରଶିକ୍ଷାର୍ଥୀମାନଙ୍କ ର ନିଯୁକ୍ତିଯୋଗ୍ୟତା ବୃଦ୍ଧି କରିବ, ସ୍ଥାନୀୟ ଦକ୍ଷତା-ବିକାଶ ପ୍ରାଥମିକତାକୁ ସାହାଯ୍ୟ କରିବ ଏବଂ ଜାତୀୟ ଦକ୍ଷତା ମିଶନ୍ ?ର ଉଦ୍ଦେଶ୍ୟଗୁଡ଼ିକୁ ସାକାର କରିବାରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି ।